ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୪ ଜାନୁୟାରୀ, ୨୦୨୨

**କୋଭାକ୍ସିନ ଟିକା ନେଲେ ୧୨୭୧**

ରାଉରକେଲା ଅଫିସ: ରାଉରକେଲା ସହରରେ ସୋମବାରଠାରୁ ୧୫ରୁ ୧୮ ବର୍ଷ ପିଲାଙ୍କ ପାଇଁ ୪ଟି କେନ୍ଦ୍ରରେ ଟିକା ପ୍ରଦାନ କରାଯାଇଛି। ଏହି କ୍ରମରେ ସହରର ସନ୍ଥ ନିରଙ୍କାରୀ ଆଶ୍ରମରେ ୪ଶହ, ବନ୍ଧମୁଣ୍ଡା ରେଳବାଇ ହସ୍ପିଟାଲରେ ୩ଶହ, ଆଇଜିଏଚ୍ ନେହୁରୀ ଓପିଡିରେ ୪ଶହ ଓ ପାନପୋଷ ସବ୍‌ଡିଭିଜନ ହସ୍ପିଟାଲରେ ୪ଶହ ଟିକା ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। ତେବେ ପ୍ରଥମ ଦିନରେ ଏହି ୪ଟି କେନ୍ଦ୍ରରେ ୧୨୭୧ ଜଣ ଟିକା ନେଇଥିଲେ।



## ସଂକ୍ଷେପରେ

### ଡ୍ୟାନ୍ସ ରିଆଲିଟି ଶୋ'ରେ ରାଉରକେଲା ଝିଅ

**ରାଉରକେଲା ଅଫିସ,୩।୧:** ସୋନି ଟିଭିରେ ପ୍ରସାରିତ ଡ୍ୟାନ୍ସ ରିଏଲିଟି ଶୋ' ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସ ସିଜିନ-୨ ରେ ନିଜର ନୃତ୍ୟ ପ୍ରତିଭା ଦେଖାଇ ରାଉରକେଲା ଝିଅ ରୋଜା ରଣା ଟପ୍-୫ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ରୋଜା ରାଉରକେଲାର କୋଏଲନଗର ସି' ବ୍ଲକର ସ୍ୱର୍ଗତ ଅଶୋକ ରଣା ଓ ଶିବାନୀ ରଣାଙ୍କ ଏକମାତ୍ର ଝିଅ ଅଟନ୍ତି। ଛୁଆବେଳୁ ତାଙ୍କର ଡ୍ୟାନ୍ସ ପ୍ରତି ଆଗ୍ରହ ରହିଥିବାରୁ ତାଙ୍କ ମା' ତାଙ୍କୁ ଡ୍ୟାନ୍ସ ଶିଖିବା ପାଇଁ ପ୍ରେରଣା ଦେଇଥିଲେ। ଏହି ରିଏଲିଟି ଶୋ'ରେ ତାଙ୍କୁ ଭୋଟ୍ ଦେଇ ବିଜୟୀ କରିବା ପାଇଁ ରୋଜା ରାଜ୍ୟ ତଥା ରାଉରକେଲାବାସୀଙ୍କୁ ନିବେଦନ କରିଛନ୍ତି। ଆଗାମୀ ଦିନରେ ରୋଜା ବଲିଉଡ୍‌ର ଜଣେ କୋରିଓଗ୍ରାଫର ହେବେ ବୋଲି ଆଶା ରଖିଛନ୍ତି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଲହୁଣୀପଡ଼ା,୩।୧(ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ବାହାଡ଼ାପୋଷ ୧୦(କ) ରାଜ୍ୟ ରାଜପଥର ପୁଇଗାଁଠାରେ ସୋମବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିବେକାନନ୍ଦ ଶତପଥି (୫୮)। ଲହୁଣୀପଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବିବେକାନନ୍ଦ ପୂର୍ବାହ୍ନ ପ୍ରାୟ ସାଢେ ୯ଟା ସମୟରେ ଏକ ବାଇକ୍ (ନଂ.ଓଡି୧୪/୩୦୨୭) ଯୋଗେ ଲଲେଇରୁ ଖୁଣ୍ଟୁଗାଁ ଆଡକୁ ଯାଉଥିଲେ। ଏହି ସମୟରେ ଏକ ଅଜଣା ଗାଡି ପୁଇଗାଁ ପୋଲ ନିକଟରେ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଣେଇ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନାକଟିଦେଉଳ: ୨୪୬ ପିଲାଙ୍କୁ ଦିଆଗଲା ଟିକା

**ନାକଟିଦେଉଳ,୩।୧(ଡ଼ି.ଏନ.ଏ.):** ସୋମବାରଠାରୁ ୧୫ରୁ ୧୮ବର୍ଷ ମଧ୍ୟରେ ପିଲାଙ୍କ କରୋନା ଟିକାକରଣ ଆରମ୍ଭ ହୋଇଛି। ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଓ ବାଟଗାଁ ମହାବିଦ୍ୟାଳୟଠାରେ ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଏହି ବର୍ଗର ୨୪୬ ପିଲାଙ୍କୁ କୋଭାକ୍ସିନ ଟିକା ଦିଆଯାଇଛି। ନାକଟିଦେଉଳ କଲେଜ କେନ୍ଦ୍ରରେ ୧୨୯ ଓ ବାଟଗାଁ କଲେଜରେ ୧୧୭ଜଣଙ୍କୁ ଏହି ଟିକା ଦିଆଯାଇଥିଲା। ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡ଼ା. ଅମୁଲ୍ୟ ରତ୍ନ ମହନ୍ତ କେନ୍ଦ୍ର ପରିଦର୍ଶନ କରି ଟିକାକରଣ କାର୍ଯ୍ୟ ତଦାରଖ କରିଥିଲେ।

### ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ରାଉରକେଲା ଅଫିସ,୩।୧:** ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ପକ୍ଷରୁ ସୋମବାର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଆରଏସ୍‌ପି ସୁରକ୍ଷା ଇଞ୍ଜିନିୟରିଂ ବିଭାଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟ ବିଭାଗର ଇଡ଼ି ଏସ୍. ଆର ସୂର୍ଯ୍ୟବଂଶୀ ଉଦ୍‌ଘାଟନ କରିଥିଲେ। ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ ଅସୀମ କୁମାର ବେହେରା ଓ ପ୍ଲାଣ୍ଟର ଅନ୍ୟ ବରିଷ୍ଠ କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ସୂର୍ଯ୍ୟବଂଶୀ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ନିଆଯାଇଥିବା ବିଭିନ୍ନ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ଇସ୍ପାତ କାରଖାନା ଭିତରେ ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ଏଡାଇବା ଉପରେ ଗୁରୁତ୍ୱରୋପ କରିଥିଲେ।

# ସଂରକ୍ଷଣ ଉଚ୍ଛେଦ ପ୍ରତିବାଦରେ ୫ରେ ଓଡ଼ିଶା ବନ୍ଦ

## ସମ୍ମିଳିତ ଆଦିବାସୀ ସଂଘର ଜିଲାପାଳଙ୍କୁ ଦାବିପତ୍ର

**ଝାରସୁଗୁଡ଼ା ଅଫିସ,୩।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅନୁସୂଚିତ ଜନଜାତି ସଂରକ୍ଷଣ ଉଚ୍ଛେଦ ପ୍ରତିବାଦରେ ରାଜ୍ୟ ସମ୍ମିଳିତ ଆଦିବାସୀ ସଂଘ ତରଫରୁ ଆସନ୍ତା ୫ତାରିଖରେ ୫ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏଥିରୁ ଡାକ୍ତରଖାନା, ଔଷଧ ଦୋକାନ, ଆମ୍ବୁଲାନ୍ସ ଓ ସ୍କୁଲ କଲେଜ ବାଦ୍ ଦିଆଯାଇଥିବା ରାଜ୍ୟ ସଭାପତି ଶ୍ୟାମ ସୁନ୍ଦର ଭୋଇ ଜଣାଇଛନ୍ତି। ଏହି ମର୍ମରେ ସମସ୍ତ ଜିଲା ଶାଖା ତରଫରୁ ଜିଲାପାଳଙ୍କୁ ସୋମବାର ସ୍ମାରକପତ୍ର ଦିଆଯାଇଛି।

ଝାରସୁଗୁଡା ଜିଲା ଶାଖା ତରଫରୁ ମହେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ସ୍ଥାନୀୟ ଏଲ୍‌ଆଇସି କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାୟକ, ସମ୍ମିଳିତ ଆଦିବାସୀ ସମାଜ ଉପଦେଷ୍ଟା ପ୍ରଭାକର ଓରାମ, ରତ୍ନାକର ପ୍ରଧାନ, ଡମ୍ବରୁଧର ନାୟକ, ମାଧବସିଂହ ନାୟକ, ଅଶୋକ ମାଝି, ଲିଙ୍ଗରାଜ ପ୍ରଧାନ, ବିନୋଦ ବିହାରୀ ବାଗ୍, ପ୍ରେମସାଗର ଧୁରୁଆ, ରୁଦ୍ର ପ୍ରତାପ ସିଂ ପ୍ରମୁଖ ସାମିଲ ହୋଇଥିଲେ। ଜିଲାର ପ୍ରତ୍ୟେକ ପଞ୍ଚାୟତର ସମ୍ମିଳିତ ଆଦିବାସୀ ସଂଘ ପଞ୍ଚାୟତ ପ୍ରତିନିଧିମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ ପଞ୍ଚାୟତ ନିର୍ବାଚନରେ ରାଜ୍ୟର ଓବିସି ସଂରକ୍ଷଣକୁ ରଦ୍ଦ କରାଯାଇଥିବାବେଳେ ଆଦିବାସୀଙ୍କ କ୍ଷେତ୍ରରେ ଜିଲା ପରିଷଦ ଅଧ୍ୟକ୍ଷ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ସରପଞ୍ଚ ପଦବୀ ଉଚ୍ଛେଦ କରାଯାଇଛି। ଅନୁସୂଚିତ ଜନଜାତି ଅଞ୍ଚଳରୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ସରପଞ୍ଚ ପଦବୀ ସଂରକ୍ଷିତ ନ କରି ଏଥିରୁ ବଞ୍ଚିତ କରାଯାଇଛି। ସରକାର ଏଭଳି ବିରୋଧି ମନୋଭାବ ଗ୍ରହଣୀୟ ନୁହେଁ ବୋଲି ସଂଘ ସଭାପତି ଭୋଇ କହିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ସମ୍ମିଳିତ ଆଦିବାସୀ ସଂଘ କର୍ମକର୍ତ୍ତା।

## ବିଶ୍ୱନାଥ ପଣ୍ଡିତ ଜୟନ୍ତୀ

**କୁଚିଣ୍ଡା/ରେଢାଖୋଲ, ୩।୧(ଡି.ଏନ.ଏ.)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପ୍ରତିଷ୍ଠାତା ସଭାପତି ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ସୋମବାର କୁଚିଣ୍ଡା ଶ୍ରମିକ ଭବନଠାରେ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱନାଥ ପଣ୍ଡିତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରମିକଙ୍କ ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ମତ ରଖିଥିଲେ। ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତୁଜା, ଡିଭିଜନ ସମ୍ପାଦକ କୀର୍ତ୍ତନ ସେନାପତି, ଯୁଗ୍ମ ସମ୍ପାଦକ ଯୋଗ ବିହାରୀ ପରିଡ଼ା, ରଜନୀ ପଟେଲ, ମନୋରଞ୍ଜନ ଭୋଇ,ଖବରଦାତା ପ୍ରଭାତ ବେହେରା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ସେହିପରି ରେଢାଖୋଲ ଡିଭିଜନ ପକ୍ଷରୁ ଏହି ଉତ୍ସବ ପାଳନ କରାଯାଇଛି। କିସିଣ୍ଡା ରେଞ୍ଜ ଗୌଡପାଲି ଆମ୍ବତୋଟାଠାରେ ଡିଭିଜନ ସମ୍ପାଦକ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଡିଭିଜନ ସହ ସମ୍ପାଦକ ଉଦିତ ତ୍ରିପାଠୀ ଯୋଗଦେଇ ତାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସଭାରେ ରେଞ୍ଜ ସମ୍ପାଦକ ରାଜେଶ ବିଶ୍ୱାଳ, ହେଡ ଚେକର ନାରାୟଣ ଗଡନାଏକ, ଲିଙ୍ଗରାଜ ସାହୁ, ବିରବର ସେଠ, ମୋହନ ଧଳ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟାଳୟ ସମ୍ମୁଖରେ ଅନଶନ

**ସମ୍ବଲପୁର,୩।୧(ବ୍ୟୁରୋ)**

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଅମଲା ସଂଘ ସୋମବାର ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। ସଂଘର ଦାବିକୁ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବାରୁ କର୍ମକର୍ତ୍ତା ଅନଶନ କରିବାକୁ ବାଧ ହୋଇଥିବା କହିଛନ୍ତି। ଏ ନେଇ ଡିସେମ୍ବର ୨୮ରେ ଚେତାବନୀ ଦିଆଯାଇଥିଲା। କମ୍ପାନୀ ପ୍ରତିନିଧି ଅନଶନ ସ୍ଥଳକୁ ଆସି ଆଲୋଚନା କରିଥିଲେ। କିନ୍ତୁ ଆଲୋଚନା ବିଫଳ ହେବାରୁ ଆନ୍ଦୋଳନ ଜାରି ରହିବ। ସଂଘର ସମସ୍ତ ଓଏଜି, ଜେଏସ୍‌କେ, ଡିଇଓ, ଜୁନିୟର ଆକାଉଣ୍ଟାଣ୍ଟ ଓ ଆକାଉଣ୍ଟାଣ୍ଟମାନେ ନିଜ ସର୍କଲ, ଡିଭିଜନ, ସବ୍‌ଡିଭିଜନ ଅଫିସ ସମ୍ମୁଖରେ କଲମ ଛାଡ ଆନ୍ଦୋଳନ କରିବେ ବୋଲି ସଂଘ ସାଧାରଣ ସମ୍ପାଦକ ସୁମାଷ କୁମାର ତିୱାରୀ କହିଛନ୍ତି। ଅନଶନରେ ସଂଘ ଉପଦେଷ୍ଟା ଅନୀଲ କୁମାର ଦେବତା, ଆକାଶ ମିସ୍ତ୍ରି, ଦେବାଶିଷ ନନ୍ଦ ସାମିଲ ହୋଇଥିଲେ। ଓଏଜିଙ୍କ ଚାକିରି ସର୍ତ୍ତାବଳୀ ଓ ପଦୋନ୍ନତି, ଦଶମ ମଜୁରି ନିର୍ଦ୍ଧାରଣର ବକେୟା ୫୦ ପ୍ରତିଶତ ପ୍ରଦାନ, ଡାଟା ଏଣ୍ଟି ଅପରେଟରଙ୍କର ଚାକିରି ରେଗୁଲାର କରିବା ପ୍ରଭୃତି ଦାବି ରହିଛି। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ନରେନ୍ଦ୍ର ପ୍ରକାଶ ରାୟଗୁରୁ, ଉପସଭାପତି ଅବିନାଶ ମିଶ୍ର, ଉପସାଧାରଣ ସମ୍ପାଦକ ମୁକୁନ୍ଦ ମିର୍ଦ୍ଧା ଉପସ୍ଥିତ ଥିଲେ।



ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟାଳୟ ସମ୍ମୁଖରେ ଅନଶନ କରାଯାଇଛି।

## ଚର୍ଚ୍ଚାରେ ଚାଇନିଜ୍ ଟ୍ୟାଗ୍ ଲାଗିଥିବା ପାରା

# ପୋଲିସ କହିଲା ଏହା ସନ୍ଦେହଜନକ ନୁହେଁ

**ରାଜଗାଙ୍ଗପୁର,୩।୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ତଥା କାଂସବାହାଲ ଫାଣ୍ଡି ଅଧୀନ ୱାଟରପଏଣ୍ଟ ନିକଟସ୍ଥ ସର୍ବେଶ୍ୱର ଛୋଟରାୟଙ୍କ ଘର ଅଗଣାରୁ ଉଦ୍ଧାର ହୋଇଥିବା ପାରାକୁ ଛାଡି ଦିଆଯାଇଛି। ଏହି ପାରା ସନ୍ଦେହଜନକ ନୁହେଁ ଏବଂ ତାକୁ ଛାଡି ଦେବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ କହିଥିଲା। ଫଳରେ ପରିବାର ଲୋକେ ସୋମବାର ଉକ୍ତ ପାରାକୁ ମୁକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ୱାଟରପଏଣ୍ଟ ନିକଟସ୍ଥ ସର୍ବେଶ୍ୱର ଛୋଟରାୟଙ୍କ ଘରକୁ ରବିବାର ଅପରାହ୍ନରେ ଏକ ପାରା ଉଡ଼ି ଆସିଥିଲା। ଉକ୍ତ ପାରା ଅନ୍ୟ ପାରା ତୁଳନାରେ ସାମାନ୍ୟ ବଡ଼ ଏବଂ ତା'ର ଗୋଟିଏ ଗୋଡ଼ରେ ଏକ ଟ୍ୟାଗ୍ ବନ୍ଧା ହୋଇଥିଲା। ସେଥିରେ ଚାଇନିଜ୍ ଭାଷାରେ କିଛି ଲେଖାଯାଇଥିବା ଦେଖି ସର୍ବେଶ୍ୱର କାଂସବାହାଲ ଫାଣ୍ଡି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ସେଠାକୁ ପହଞ୍ଚି ପାରାର ଫଟୋ ଉଠାଇ ନେଇଥିଲା ଏବଂ ବିଶେଷଜ୍ଞଙ୍କ ମତାମତ ଜାଣିବା ଲାଗି ଉକ୍ତ ଫଟୋକୁ ଭୁବନେଶ୍ୱର ପଠାଇଥିଲା। ଏ ସମ୍ପର୍କରେ ରାଜଗାଙ୍ଗପୁର ଏସ୍‌ଡିପିଓ ଡାକ୍ତର ଶଶାଙ୍କ ଶେଖର ବେହୁରା କହିଛନ୍ତି, ତର୍ଜମା ପରେ ଉକ୍ତ ପାରା ସନ୍ଦେହଜନକ ନୁହେଁ ବୋଲି ଜଣାପଡିଥିଲା। ତେଣୁ ତାଙ୍କ ନିର୍ଦ୍ଦେଶରେ ପାରାଟିକୁ ଆଜି ଛାଡିଦିଆଯାଇଛି।

## ୬୪୧ ଛାତ୍ରୀଛାତ୍ର ନେଲେ କୋଭିଡ୍ ଟିକା

**କୁତ୍ରା,୩।୧( ଡି.ଏନ.ଏ)**

ଓଡିଶାରେ ବର୍ତ୍ତମାନ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ଧୀରେ ଧୀରେ ବଢିଚାଲିଛି। ଏହାକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ ସୋମବାର ଠାରୁ ୧୫ରୁ ୧୮ବର୍ଷର ପିଲାଙ୍କୁ ଟିକାକରଣ ଆରମ୍ଭ ହୋଇଛି। ଏହି କ୍ରମରେ ସୁନ୍ଦରଗଡ଼ ଜିଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ମଧ୍ୟ ୨ଟି ଟିକାକରଣ କେନ୍ଦ୍ର କରାଯାଇ ପ୍ରଥମ ଦିନରେ ୪୬୧ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ଝାରବେଡା ସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ୨୮୧ ଜଣ ଓ ଗଏରବାହାଲ ସ୍ଥିତ ବୀର ବିର୍ସା ମୁଣ୍ଡା ସୀମାନ୍ତ କଲେଜରେ ୧୮୦ ଜଣ ଛାତ୍ରୀଛାତ୍ରଙ୍କୁ ଏହି ଟିକା ଦିଆଯାଇଥିବା ଜଣାପଡିଛି। ସେହିପରି କୁଆଁରମୁଣ୍ଡା ବ୍ଲକ ସଲଙ୍ଗାବାହାଲ ଶଙ୍ଖ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୩୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮୦ ଜଣକୁ ଟିକା ପ୍ରଦାନ କରାଯାଇଛି। ଏଥିରେ କୁଆଁରମୁଣ୍ଡା ବିଡ଼ିଓ ବିକାଶ ସାହୁ, କଲେଜ ଅଧକ୍ଷା ମିନତୀ ଅମାତ, ରାଇବଗା ମେଡିକାଲ ଅଫିସର ଦିନେଶ ବେହେରା, ଡାକ୍ତର ଜ୍ଞାନେନ୍ଦ୍ର ରାଉତ, ବିପିଏମ ଶିବାନି ଦାସ, ଡ଼ଃ ସୁଭଦ୍ରତା ଦାସ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶିବାନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ବୁର୍ଲା ଥାନାରେ ପୋଲିସର ଥାର୍ଡ ଡିଗ୍ରୀ

**ସମ୍ବଲପୁର,୩।୧(ବ୍ୟୁରୋ)**

## ଜାମିନରେ ଆସିବା ପରେ ଯୁବକଙ୍କ ଅଭିଯୋଗ

ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆସିଛି। ଥାନା ପରିସରରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ମାରପିଟ କରିଛି। ଏକ ମାମଲାରେ ଜେଲ ଯାଇ ଜାମିନରେ ଆସିବା ପରେ ଧର୍ମେନ୍ଦ୍ର ଗିରି ନାମକ ଯୁବକ ଏ ନେଇ ବୁର୍ଲା ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ଡିସେମ୍ବର ୨୮ରେ ବୁର୍ଲା ଥାନାର ଜଣେ ଏସ୍‌ଆଇ ତାଙ୍କୁ ଥାନାକୁ ଡକାଇ ଏକ ମାମଲାରେ ପଚରାଉଚୁରା କରିଥିଲେ। ଏହି ସମୟରେ ସେ ପକ୍ଷପାତିତା କରି ଗାଳିଗୁଲଜ ସହ ମାରପିଟ କରିଥିଲେ। ଏକ ବାଉଁଶ ବାଡିରେ ବାମ ଗୋଡକୁ ପିଟିବାରୁ ଅଙ୍ଗୁଳି ଫାଟି ରକ୍ତ ବାହାରିଥିଲା। ପାଟି କରିବାରୁ ଅନ୍ୟ ଜଣେ ଏସ୍‌ଆଇ ପାଖକୁ ଆସି ଗୋଇଠା ମାରିଥିଲେ। ଏ ସମ୍ପର୍କରେ ଡାକ୍ତର କିମ୍ବା ମାଜିଷ୍ଟ୍ରେଟଙ୍କ ପାଖରେ ଅଭିଯୋଗ କଲେ ମିଥ୍ୟା ମାମଲାରେ ଜେଲ ପଠାଇଦେବେ ବୋଲି ଧମକ ଦେଇଥିଲେ। ତେଣୁ ସେ ସମୟରେ ସେ କାହାରି ପାଖରେ ଅଭିଯୋଗ କରି ନ ଥିଲେ। ଏବେ ପରିବାର ଓ ସମ୍ପର୍କୀୟ ସାହସ ଦେବାରୁ ସେ ଅଭିଯୋଗ କରିଥିବା କହିଛନ୍ତି। ଏ ସମ୍ପର୍କରେ ବୁର୍ଲା ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି, ଅଭିଯୁକ୍ତ ଧର୍ମେନ୍ଦ୍ରଙ୍କ ନାମରେ ପୂର୍ବରୁ ମାମଲା ରହିଛି। ଘଟଣାଦିନ ଏକ ମାମଲାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତାଙ୍କୁ ମାରପିଟ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ହେଲେ ଘଟଣା ଦିନ ଆମ ପାଖରେ ଅଭିଯୋଗ କରିବା କଥା, ନ ହେଲେ ଡାକ୍ତର କିମ୍ବା ମାଜିଷ୍ଟ୍ରେଟଙ୍କ ପାଖରେ ଅଭିଯୋଗ କରି ପାରିଥାନ୍ତେ। ତଥାପି ଅଭିଯୋଗ ହୋଇଥିବାରୁ ସତ୍ୟାସତ୍ୟକୁ ନେଇ ତଦନ୍ତ କରାଯିବ ବୋଲି ସେ କହିଥିଲେ।

# ଭଲିବଲ ପ୍ରତିଯୋଗିତା: କୁଣ୍ଢେଇଗୋଳା ଚାମ୍ପିୟନ

**ଦେବଗଡ଼,୩।୧(ଡି.ଏନ.ଏ.)**

ତିଲେଇବଣି ବ୍ଲକ ଛେପିଲିପାଲି ପଞ୍ଚାୟତ ସଦର ମହକୁମାରେ ମା' ଗ୍ରାମେଶ୍ୱରୀ ଭଲିବଲ କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋଟ ୬ଟି ଦଳକୁ ନେଇ ଗତ ରାତିରେ ପ୍ରତିଯୋଗିତା ହୋଇଥିଲା। ଫାଇନାଲ ମ୍ୟାଚରେ ଅନୁଗୋଳ ଜିଲାର ତାଳଚେର ଭଲିବଲ କ୍ଲବକୁ ପରାସ୍ତ କରି ଦେବଗଡ ଜିଲାର କୁଣ୍ଢେଇଗୋଳା କ୍ଲବ ଚାମ୍ପିୟନ ହୋଇଥିଲା। ରେଫରି ଭାବେ ଅନୁଗୋଳ ଜିଲା ବଇଣ୍ଡାର ଅଶୋକ ପ୍ରଧାନ ଓ ତୁଷାରକାନ୍ତ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଆୟୋଜକ କ୍ଲବ ସଭାପତି ହିମାଂଶୁ ଶେଖର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ସତ୍ୟ ନାରାୟଣ ପାଣି ମୁଖ୍ୟଅତିଥି ଓ ଆଇନଜୀବୀ ସିଦ୍ଧେଶ୍ୱର ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫିସହ ନଗଦ ୮ ହଜାର ଓ ରନର୍ସ ଅପ୍ ତାଳଚେର ଦଳକୁ ଟ୍ରଫିସହ ନଗଦ ୬ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ଅତିଥି।

## ରିଆମାଳ ମଣ୍ଡିରେ ଧାନକିଣା ଆରମ୍ଭ

**ରିଆମାଳ, ୩।୧ (ଡି.ଏନ୍.ଏ.)**

ଦେବଗଡ ଜିଲା ରିଆମାଳ ସଦର ସେବା ସମବାୟ ସମିତି ତରଫରୁ ମିଲର୍ସ ରଘୁନନ୍ଦନ ରାଇସମିଲ ସୋମବାର ଚାଷୀଙ୍କଠାରୁ ଧାନ କିଣିଛନ୍ତି। ରିଆମାଳର ଚାଷୀ ରଘୁନନ୍ଦନ ବିଶ୍ୱାଳଙ୍କଠାରୁ ଧାନ କିଣାଯାଇଛି। ସାଧାରଣ ଧାନ କୁଇଣ୍ଟାଲ ପିଛା ୧୯୪୦ଟଙ୍କା ଏ' ଗ୍ରେଡ ଧାନ ୧୯୬୦ଟଙ୍କାରେ କିଣାଯାଇଥିଲା। ବହୁ ଚାଷୀଙ୍କ ପାଖକୁ ମେସେଜ ଯାଇନାହିଁ ସେମାନେ ଧାନବିକ୍ରିନେଇ ଚିନ୍ତାରେ ପଡିଛନ୍ତି। ଏଥିପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

# ସରପଞ୍ଚ, ସମିତି ସଭ୍ୟ ଆସନ ସଂରକ୍ଷଣ ପରିବର୍ତ୍ତନ ଦାବି

**ବଡ଼ଗାଁ, ୩।୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକର ତୁଡାଲଗା ପଞ୍ଚାୟତ ସରପଞ୍ଚ ଓ ଫୁଲବାରୀ ପଞ୍ଚାୟତ ସମିତି ସଭ୍ୟ ଆସନ ସଂରକ୍ଷଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଆସନ ସଂରକ୍ଷଣ ପରିବର୍ତ୍ତନ ପାଇଁ ପଞ୍ଚାୟତବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତୁଡାଲଗା ପଞ୍ଚାୟତରେ ପୂର୍ବରୁ ସ୍ଥାନ ସଂରକ୍ଷଣ ଅଦଳବଦଳ କରି ଏସ୍‌ଟି ମହିଳା ଓ ଏସ୍‌ଟି ପୁରୁଷଙ୍କ ପାଇଁ ସଂରକ୍ଷିତ ରଖାଯାଇଥିଲା। ୨୦୧୭ ନିର୍ବାଚନ ବେଳେ ଏହି ପଞ୍ଚାୟତ ଏସ୍‌ଟି ମହିଳାଙ୍କ ପାଇଁ ଥିଲା। ତେଣୁ ପରିବର୍ତ୍ତନ ନିୟମ ଅନୁସାରେ ଆଗାମୀ ନିର୍ବାଚନରେ ଏହି ପଞ୍ଚାୟତର ସରପଞ୍ଚ ପଦବୀ ଏସ୍‌ଟି ପୁରୁଷଙ୍କ ପାଇଁ ସଂରକ୍ଷିତ ରଖିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ସେହିପରି ଫୁଲବାରୀ ପଞ୍ଚାୟତ ଅଣ ସଂରକ୍ଷିତଙ୍କ ପାଇଁ ଥିଲା। ଏହାକୁ ପରିବର୍ତ୍ତନ କରି ଏସ୍‌ଟି ମହିଳାଙ୍କ ପାଇଁ କରାଯାଇଛି। ତେଣୁ ଏଠାରେ ପୂର୍ବ ବିଜ୍ଞପ୍ତି କାଏମ ରଖିବାକୁ ପଞ୍ଚାୟତବାସୀ ଜିଲାପାଳଙ୍କୁ ଜଣାଇଛନ୍ତି।

# ସୁନ୍ଦରଗଡ଼ ଜିଲା: ପ୍ରଥମ ଦିନରେ ଟିକାନେଲେ ୬,୩୦୯

**ସୁନ୍ଦରଗଡ଼,୩।୧(ଡି.ଏନ.ଏ)**

ସାରା ଦେଶରେ ସୋମବାରଠାରୁ ୧୫ରୁ ୧୮ ବର୍ଷ ବୟସର ପିଲାମାନଙ୍କୁ କୋଭିଡ୍ ଟିକାକରଣ ଆରମ୍ଭ ହୋଇଛି। ଏହି କ୍ରମରେ ସୁନ୍ଦରଗଡ଼ ଜିଲାରେ ୧ ଲକ୍ଷ ୨୧ ହଜାର ୬୫୯ ଜଣ ହିତାଧିକାରୀଙ୍କୁ କୋଭିଡ ଟିକା ଦେବା ପାଇଁ ପ୍ରଶାସନ ଲକ୍ଷ୍ୟ ରଖିଛି। ଏଥିପାଇଁ ୪୪ଟି ଟିକାକରଣ କେନ୍ଦ୍ର କରାଯାଇଛି। ପ୍ରଥମ ଦିନରେ ଜିଲାରେ ୬,୩୦୯ ଜଣ କୋଭିଡ ଟିକା ନେଇଛନ୍ତି। ଜିଲାର ବିଭିନ୍ନ କେନ୍ଦ୍ରରେ ସୋମବାର ସକାଳ ୯ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କୋଭିଡ ଟିକାକରଣ ଚାଲିଥିଲା। ଟିକା ନେବା ପାଇଁ ୧୫ରୁ ୧୮ ବର୍ଷ ବୟସର ପିଲାମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା।



ଜଣେ ଛାତ୍ରୀଙ୍କୁ କୋଭିଡ୍ ଟିକା ଦିଆଯାଉଛି।

# ଡବ୍ଲ୍ୟୁଏଚ୍‌ଓରେ ଭିମ୍‌ସାର ଡାକ୍ତରଙ୍କ ଗବେଷଣା ରିପୋର୍ଟ

**ସମ୍ବଲପୁର,୩।୧(ବ୍ୟୁରୋ)**

## ନିର୍ଦ୍ଦିଷ୍ଟ ବ୍ଲଡ୍ ଗ୍ରୁପ୍‌ରେ ସଂକ୍ରମଣ ନେଇ କରିଥିଲେ ଗବେଷଣା

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରର ଏକ ଡାକ୍ତରୀ ଟିମ୍ ଟିକା ନେବା ପରେ ହୋଇପାରେ ସଂକ୍ରମଣ ଓ ଏକ ନିର୍ଦ୍ଦିଷ୍ଟ ବ୍ଲଡ୍ ଗ୍ରୁପ୍‌ରେ ସଂକ୍ରମଣ ବୃଦ୍ଧି ହେବା ନେଇ ଗବେଷଣା କରି ନଭେମ୍ବର ୨୫ରେ ରିପୋର୍ଟ ପ୍ରକାଶ କରିଥିଲେ। ଏହି ଗବେଷଣା ରିପୋର୍ଟକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମାନ୍ୟତା ଦେଇଛି। ଡବ୍ଲ୍ୟୁଏଚ୍‌ଓର କୋଭିଡ୍ ଉପରେ ଗବେଷଣାର ଡାଟା ବେସ୍‌ରେ ଏହା ସ୍ଥାନିତ ହୋଇଛି। ଗତ ଶନିବାର ୱେବ୍‌ସାଇଟ୍‌ରେ ଏହା ଦେଖିବା ପରେ ଭିମ୍‌ସାରରେ ଗବେଷଣା କରିଥିବା ଡାକ୍ତରୀ ଟିମ୍ ଓ କର୍ତ୍ତୃପକ୍ଷ ଖୁସିବ୍ୟକ୍ତ କରିଛନ୍ତି। ଗବେଷକ ଟିମ୍‌ରେ ଥିବା ଡାକ୍ତର ସଞ୍ଜୀବ ମିଶ୍ର କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନରେ ଭିମ୍‌ସାର ଗବେଷଣା ରିପୋର୍ଟକୁ ସ୍ଥାନିତ କରାଯାଇଛି। ଏହା ଭିମ୍‌ସାର ପାଇଁ ଗୌରବର ବିଷୟ। ଆଗକୁ ଆହୁରି ଗବେଷଣା କରିବାକୁ ଉତ୍ସାହ ମିଳିବ।

ସୂଚନାଯୋଗ୍ୟ ଭିମ୍‌ସାରର ଡା. ସଞ୍ଜୀବ ମିଶ୍ର, ଡା. ସୁବ୍ରତ କୁମାର ନାଏକ, ଡା. ରାଜୀବ କୁମାର ନନ୍ଦ, ଡା. ସୁମନ୍ତ ସାହୁଙ୍କ ସହ ଭୁବନେଶ୍ୱର ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି)କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ସେମାନେ ଅନ୍ୟ ବ୍ଲଡ ଗ୍ରୁପ ଅପେକ୍ଷା ଓ' ପଜିଟିଭ, ବି' ପଜିଟିଭ ବ୍ଲଡ ଗ୍ରୁପରେ ସଂକ୍ରମଣ ହାର ଅଧିକ ବୋଲି ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏହା ସହ ଦ୍ୱିତୀୟ ଡୋଜ୍ ଟିକା ପରେ ଆଣ୍ଟିବଡି କ୍ଷମତା କମିଯାଉଛି। ତେଣୁ ଉଚିତ ସମୟରେ ବୁଷ୍ଟର ଡୋଜ୍ ନେବାକୁ ପରାମର୍ଶ ଦେଇଥିଲେ। କୋଭିଡ୍ ଟିକା ନେବା ପରେ ମଣିଷର ଆଣ୍ଟିବଡି ଉପରେ ଗବେଷଣା କରିବାକୁ ଏକ ଟିମ୍ ଗଠନ ହୋଇଥିଲା। ଦ୍ୱିତୀୟ ଡୋଜ୍ ନେଇଥିବା କେତେଜଣ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ମିଶାଇ ମୋଟ ୧୨୨ ଜଣଙ୍କ ରକ୍ତ ନମୁନା ସଂଗ୍ରହ ହୋଇଥିଲା। ସେମାନଙ୍କଠାରୁ ପ୍ରଥମ ଡୋଜ୍‌ର ୧ ମାସ ପରେ ଓ ଦ୍ୱିତୀୟ ଡୋଜ୍ ନେବାର ୬ ମାସ ପରେ ରକ୍ତ ନମୁନା ସଂଗ୍ରହ ହୋଇଥିଲା। ଟିକା ନେବା ପରେ ଆଣ୍ଟିବଡି ଓ ସଂକ୍ରମଣ ଆଶଙ୍କା ନେଇ ଗବେଷଣ ହୋଇଥିଲା। ଦ୍ୱିତୀୟ ଡୋଜ୍ ନେବା ପରେ ଆଣ୍ଟିବଡି କ୍ଷମତା କମିବାରେ ଲାଗିଥାଏ। ଓ' ପଜିଟିଭ ଓ ବି' ପଜିଟିଭ ବ୍ଲଡ ଗ୍ରୁପ୍‌ରେ ଏହି ସଂଖ୍ୟାର ହାର ଅଧିକ ଦେଖିବାକୁ ମିଳିଥିଲା। ଏପରି କି ୭ ଜଣଙ୍କ ଆଦୌ ଆଣ୍ଟିବଡି କ୍ଷମତା ନ ଥିଲା।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୪ ଜାନୁୟାରୀ, ୨୦୨୨

**ବିଶ୍ୱନାଥ ପଣ୍ଡିତଙ୍କ ୧୦୨ତମ ଜୟନ୍ତୀ ପାଳନ**

ପାଇକମାଳ (ଡି.ଏନ.ଏ): ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଳ କେନ୍ଦୁପତ୍ର ଫଡିଘର ପରିସରରେ ସୋମବାର ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ୧୦୨ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସ୍ୱର୍ଗତ ପଣ୍ଡିତଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ସମ୍ପାଦକ କୋକିଳ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଣ୍ଡିତଙ୍କ ସ୍ମୃତିଚାରଣ କରାଯାଇଥିଲା । ସାଇଧର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ ।



## ସଂକ୍ଷେପରେ

### ଦିବାଲୋକରେ ଲୁଟ୍‌ପାଟ୍

**ସୋହେଲା,୩।୧(ଡି.ଏନ.ଏ):** ବରଗଡ଼ ଜିଲା ସୋହେଲାରେ ସୋମବାର ସ୍ପଷ୍ଟ ଦିବାଲୋକରେ ଜଣେ ମହିଳାଙ୍କଠାରୁ ଲୁଟ୍ ହୋଇଛି। ଇଚ୍ଛାପାଲି ଗ୍ରାମର ଯଶୋବନ୍ତୀ ବିଶି(୬୦) ସୋହେଲା-ପଦ୍ମପୁର ରାସ୍ତାପାର୍ଶ୍ୱରେ ରହିଥିବା ଷ୍ଟେଟବ୍ୟାଙ୍କର ଏକ ଗ୍ରାହକ ସେବାକେନ୍ଦ୍ରରୁ ୩୨୦୦ ଟଙ୍କା ଉଠାଇ ଚାଲି ଚାଲି ଫେରୁଥିଲେ। ଏହି ସମୟରେ ଜଣେ ଲୁଟେରା ତାଙ୍କୁ ଧକ୍କା ଦେଇ ଟଙ୍କା ଲୁଟ୍ କରି ନେଇଥିଲେ। ଏ ନେଇ ଯଶୋବନ୍ତୀ ଅଭିଯୋଗ କରିବା ପରେ ପୋଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି ।

### ସମ୍ପୂର୍ଣ୍ଣ ହେଉନି ପୁରୁଣା ସାଲୁଙ୍କି ପୋଲ

**ବାଉଁଶୁଣୀ, ୩।୧(ଡି.ଏନ.ଏ.):** ବୌଦ୍ଧ ଜିଲା ଦେଇ ପ୍ରବାହିତ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଥିବା ପୋଲ କାମ ଅଧାପନ୍ତରିଆ ହୋଇରହିଛି । ମେହେରୁଣୀ, ବାଘ ନଦୀ, ସାଲୁଙ୍କି ନଦୀ ଉପରେ ନୂତନ ପୋଲ ନିର୍ମାଣ କାର୍ଯ୍ୟ ସରି ପାରୁନାହିଁ। ଅପରପକ୍ଷରେ ମରାମତି ଅଭାବରୁ ପୁରୁଣା ପୋଲଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି । ସାଲୁଙ୍କି ନଦୀ ଉପରେ ମର୍ଯ୍ୟାଦପୁର ଗ୍ରାମ ନିକଟରେ ଥିବା ପୋଲରୁ ଲଉହା ଛଡ ବାହାରି ବିପଦପୂର୍ଣ୍ଣ ହୋଇପଡିଛି । ଏହାଛଡା ଗୁଦୁଗୁଦା ପୋଲର ଉଭୟ ପାର୍ଶ୍ୱ ରାସ୍ତା ପୋଲ ସହ ସମାନ୍ତରାଳ ଭାବେ ହୋଇନାହିଁ। ଫଳରେ ଲୋକେ ଯିବା ଆସିବାରେ ଦୁର୍ଦ୍ଦଶା ଭୋଗୁଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଓ ଜାତୀୟ ରାଜପଥ ବିଭାଗ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ଶିଶୁ ଫେରିଲା, ଅପହର୍ତ୍ତା ଫେରାର

**ବରଗଡ଼,୩।୧(ଡି.ଏନ.ଏ):** ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗରରୁ ରବିବାର ସନ୍ଧ୍ୟାରେ ଅପହୃତ ଶିଶୁ (୯ବର୍ଷ) ବିଳମ୍ବିତ ରାତ୍ରିରେ ଘରକୁ ଫେରିଛି। ଅନ୍ୟପଟେ ଉକ୍ତ ଶିଶୁଙ୍କୁ ଅପହରଣ କରି ନେଇଥିବା ଅପହର୍ତ୍ତାମାନେ ଏପର୍ଯ୍ୟନ୍ତ ଧରାପଡ଼ିନାହାନ୍ତି । ଫଳରେ ଘଟଣାଟି ଏବେ ମଧ୍ୟ ରହସ୍ୟ ଘେରରେ ରହିଛି । ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହିତ ନେଇ ଅଧିକ ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ନିଜ ସାଙ୍ଗସାଥୀଙ୍କ ସହିତ ଶିଶୁ ଜଣକ ଘର ସମ୍ମୁଖରେ ଖେଳୁଥିଲେ। ଏହି ସମୟରେ ୨ଜଣ ବାଇକ୍‌ରେ ଆସି ତାଙ୍କୁ ଉଠାଇ ନେଇଥିବା ପରିବାର ଲୋକେ ପୋଲିସରେ ଅଭିଯୋଗ କରିଥିଲେ। ଏହା ସହିତ ଅପହର୍ତ୍ତାମାନେ ୧୦ଲକ୍ଷ ଟଙ୍କା ମୁକ୍ତି ଜାମିନ ରଖି ଏକ ହାତଲେଖା ଚିଠି ସେଠାରେ ଛାଡ଼ି ଦେଇଥିଲେ। ଅପହୃତ ଶିଶୁଜଣକ ବରଗଡ଼ ସିମେଣ୍ଟ କାରଖାନାରେ କାର୍ଯ୍ୟରତ ଜଣେ ପଦସ୍ଥ ଅଧିକାରୀଙ୍କ ପୁଅ ହୋଇଥିବା ଯୋଗୁ ଘଟଣାଟି ଆଲୋଡ଼ନ ଖେଳାଇ ଦେଇଥିଲା। ବରଗଡ଼ ଏସ୍‌ପି ରାହୁଲ ଜୈନ, ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ପ୍ରମୁଖ ପହଞ୍ଚି ଅନୁସନ୍ଧାନ ଜାରି ରଖିଥିଲେ। ଏହାସହିତ ପୋଲିସ ଜିଲାର ସବୁ ଥାନା ଅଞ୍ଚଳରେ ନାକାବନ୍ଦୀ କରିଥିଲା। ରବିବାର ରାତି ପ୍ରାୟ ସାଢ଼େ ୧୧ଟାରେ ଶିଶୁଜଣକ ଚାଲି ଚାଲି ଘରକୁ ଫେରିଥିଲେ। ସମ୍ପୃକ୍ତ ଅପହର୍ତ୍ତା ତାଙ୍କୁ ବାଇକ୍‌ରେ ଆଣି ଘର ନିକଟ ସ୍କୁଲରେ ଛାଡ଼ି ଦେଇଥିବା ଶିଶୁଜଣକ କହିଥିଲେ ।

### ଭାଜପା ଓବିସି ମୋର୍ଚ୍ଚାର ଜିଲାପାଳଙ୍କୁ ଦାବିପତ୍ର

**ବୌଦ୍ଧ,୩।୧(ସ୍ୱ.ପ୍ର.):** ଆଗାମୀ ପଞ୍ଚାୟତ ନିର୍ବାଚନରେ ବୌଦ୍ଧ ଜିଲାରେ ପଛୁଆ ବର୍ଗଙ୍କ ଲାଗି ସଂରକ୍ଷଣ ଦେବାକୁ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ମଙ୍ଗଳବାର ଓବିସି ମୋର୍ଚ୍ଚା ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆଙ୍କ ନେତୃତ୍ୱରେ ୭ ଦଫା ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ରାଜ୍ୟରେ ଓବିସି ସଂଖ୍ୟା ୫୪ ପ୍ରତିଶତରୁ ଅଧିକ ଥିବା ସତ୍ତ୍ୱେ ସେମାନଙ୍କ ପାଇଁ ଆଗାମୀ ନିର୍ବାଚନରେ ସଂରକ୍ଷଣ ରଖାଯାଇନାହିଁ। ଏନେଇ ତୁରନ୍ତ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାଜପା ଜିଲା ସଭାପତି ବିପ୍ରଚରଣ ମହାନ୍ତି, ସୁଶାନ୍ତ କୁମାର ପ୍ରଧାନ, ସୁବାସ ପ୍ରଧାନ, କୁନା ମାହାର, ଶେଷ ଛାନ୍ଦ, ଶମ୍ଭୁ ପ୍ରଧାନ, ଜୟଦେବ କର୍ଣ୍ଣ, ଯାଶୁ ପ୍ରଧାନ, ଶମ୍ଭୁ ଗାଇଗୌରିଆ, ତାପସ ପଟ୍ଟନାୟକ, ସତ୍ୟାନନ୍ଦ ପାଣ୍ଡେ, ମାଗୁଣି ଗାଇଗୌରିଆ, ବିକାଶ ମହାକୁଡ, ସୂର୍ଯ୍ୟନାରାୟଣ ମହାପାତ୍ର, ନମିତା ରାଣୀ ଦାସ ପ୍ରମୁଖ ସାମିଲ ଥିଲେ ।

# ମଞ୍ଜୁରୀ ମିଳିଲା, ସରିନି ପ୍ରତୀକ୍ଷା

## ବରଗଡ଼-ନୂଆପଡ଼ା ନୂଆ ରେଳପଥ

**ବରଗଡ଼ ଅଫିସ୍,୩।୧**

ନୂଆପଡ଼ା ଓ ବରଗଡ଼ ଜିଲା ମଧ୍ୟରେ ନୂଆ ରେଳପଥ ସଂଯୋଗ ପାଇଁ ସୋମବାର କେନ୍ଦ୍ର ରେଳ ମନ୍ତ୍ରଣାଳୟ ମଞ୍ଜୁରୀ ଦେଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ନେଇ ବରଗଡ଼ ଲୋକସଭା ଏମ୍‌ପି ସୁରେଶ ପୂଜାରୀଙ୍କୁ ସୂଚନା ଦେଇଛନ୍ତି। ଏଭଳି ଏକ ସୂଚନା ମିଳିବା ପରେ ବରଗଡ଼ ଓ ନୂଆପଡ଼ାବାସୀଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଛି। ଉଭୟ ଜିଲା ମଧ୍ୟରେ ସମ୍ପର୍କ ସ୍ଥାପନ ଏବଂ ଜିଲାର ଅର୍ଥନୀତି ସୁଦୃଢ଼ ହେବ ବୋଲି ଉଭୟ ଜିଲାବାସୀ ଆଶା ବାନ୍ଧିଛନ୍ତି। ମାତ୍ର ବରଗଡ଼-ନୂଆପଡ଼ା ରେଳପଥ ଦଶନ୍ଧିର ଦାବି ହୋଇଥିବା ସତ୍ତ୍ୱେ ମଞ୍ଜୁରୀ ମିଳିବାକୁ ଏତେ ବିଳମ୍ବ ହୋଇଥିବାରୁ ଏବେ ମଧ୍ୟ ପ୍ରତୀକ୍ଷାର ଅନ୍ତ ହୋଇନାହିଁ ବୋଲି ମତପ୍ରକାଶ ପାଇଛି।

### ପୁରୁଣା ଦାବି ପୂରଣ ହେଲା



" ବରଗଡ଼-ନୂଆପଡ଼ା ରେଳପଥ ୩୦/୪୦ବର୍ଷ ତଳର ପୁରୁଣା ଦାବି। ତତ୍କାଳୀନ କେନ୍ଦ୍ରମନ୍ତ୍ରୀ କୃପାସିନ୍ଧୁ ଭୋଇ ଏହି ଦାବି ଉଠାଇଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ ଏମ୍‌ପି ଡଃ ପ୍ରଭାସ ସିଂ ଦାବି ଦୋହରାଇଥିଲେ। ଏବେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଏବଂ ଏହାକୁ କାର୍ଯ୍ୟକାରୀ କରିବାରେ ତ୍ୱରିତ ପଦକ୍ଷେପର ଆବଶ୍ୟକତା ରହିଛି।

-ପ୍ରଦୀପ ଦେବତା, ସଭାପତି, ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘ

### ବିକାଶରେ ସହାୟକ ହେବ



" ବରଗଡ଼-ନୂଆପଡ଼ା ରେଳପଥ ଉଭୟ ଜିଲା ବିକାଶ ପାଇଁ ଯଥେଷ୍ଟ ଆବଶ୍ୟକତା ଥିଲା। କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ମିଳିବା ପରେ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇଛି। ଏହି ରେଳପଥ ଦ୍ୱାରା ଉଭୟ ଜିଲାର ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ନୃସିଂହନାଥ ଭଳି ପର୍ଯ୍ୟଟନସ୍ଥଳୀର ବିକାଶ ଏବଂ ବ୍ୟବସାୟିକ ଅଭିବୃଦ୍ଧି ମଧ୍ୟ ଘଟିବ । ଏହା ସହିତ ଯାତାୟାତ କ୍ଷେତ୍ରରେ ଉଭୟ ଜିଲାର ଅନେକ ସମସ୍ୟା ତୁଟିଯିବ ।

-ସୁରେଶ୍ୱର ଶତପଥୀ, ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି

### ନିଷ୍ପତ୍ତି ସ୍ୱାଗତଯୋଗ୍ୟ



" କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଏହି ପ୍ରସଙ୍ଗ ନେଇ ଗତ ବିଧାନସଭା ଅଧିବେଶନରେ ପ୍ରଶ୍ନ ଉଠାଇଥିଲି । ସେହି ପ୍ରକଳ୍ପ ନିର୍ମାଣ ପାଇଁ ଓଡ଼ିଶା ରେଳ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଲିଃ ସେଥିପାଇଁ ୧୪୨ କି.ମି ଚିହ୍ନଟ କରିବା, ଆବଶ୍ୟକ ଜମି ଏବଂ ୩୦୦ କୋଟି ଟଙ୍କା ପ୍ରଦାନ ପାଇଁ ରାଜ୍ୟ ସରକାର ରାଜି ଥିବା ଜଣାଇଥିଲେ। ଏହି ପ୍ରକଳ୍ପ ମଞ୍ଜୁରୀ ପାଇଁ ରେଲୱେ ବୋର୍ଡ଼ ରେଳ ମନ୍ତ୍ରଣାଳୟକୁ ଜଣାଇଥିବା ସେତେବେଳେ ସୂଚନା ଦିଆଯାଇଥିଲା ।

-ଦେବେଶ ଆଚାର୍ଯ୍ୟ, ବରଗଡ଼ ବିଧାୟକ

### ବିଳମ୍ବ ହେଲେ ବି ଖୁସିର ବିଷୟ



" ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କୃପାସିନ୍ଧୁ ଭୋଇ ଦୀର୍ଘଦିନରୁ ଏହି ଦାବି ଉଠାଇଥିଲେ ଏବଂ ତାଙ୍କ ଜୀବନକାଳରେ ଏହାର ସର୍ଭେ ମଧ୍ୟ ହୋଇଥିଲା। କଂଗ୍ରେସ ବାରମ୍ବାର ଏହି ଦାବି କରିଆସିଥିଲା। ପୂର୍ବତନ ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ, ବରଗଡ଼ ରେଳ ଉପଭୋକ୍ତା ସଂଘ ମଧ୍ୟ ଦାବିକୁ ଦୋହରାଇ ଆସିଥିଲେ। ବିଳମ୍ବ ହେଲେ ମଧ୍ୟ ଆଜି ପ୍ରକଳ୍ପକୁ ସ୍ୱୀକୃତି ମିଳିବା ନିଶ୍ଚିତ ଭାବେ ଖୁସିର ବିଷୟ ।

-ନିହାର ରଞ୍ଜନ ମହାନନ୍ଦ, ଜିଲା କଂଗ୍ରେସ ସଭାପତି

### କାର୍ଯ୍ୟକାରିତାକୁ ଅପେକ୍ଷା



" ବରଗଡ଼-ନୂଆପଡ଼ା ମଧ୍ୟରେ ରେଳପଥର ଯଥେଷ୍ଟ ଆବଶ୍ୟକତା ରହିଛି। ଏହାହେଲେ ପଡ଼ୋଶୀ ଛତିଶଗଡ଼ ସହିତ ମଧ୍ୟ ଯୋଗାଯୋଗ ସହଜ ହେବ। ଉଭୟ ଜିଲା ମଧ୍ୟରେ ସାମାଜିକ, ଅର୍ଥନୀତି ଆଦି କ୍ଷେତ୍ରରେ ସମ୍ପର୍କ ଆହୁରି ବଢ଼ିବ । କେବଳ ସ୍ୱୀକୃତି ପ୍ରଦାନ କରିଦେଲେ ହେବନାହିଁ। ଏହା କାର୍ଯ୍ୟକାରୀ ହେଲେ ଯାଇ ଉଭୟ ଜିଲାବାସୀଙ୍କ ପ୍ରତୀକ୍ଷାର ଅନ୍ତ ଘଟିବ ।

-ବିକାଶ ଅଗ୍ରୱାଲ, ସାମାଜିକ କର୍ମୀ

*(ରିପୋର୍ଟ: ପ୍ରେମାନନ୍ଦ ଖମାରୀ)*

# ରାସ୍ତା ଅବରୋଧ କଲେ ଚାଷୀ



ବରତୁଣ୍ଡା ଛକରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

## ଧାନ କିଣାବିକାରେ ଅବ୍ୟବସ୍ଥା

**ପାଇକମାଳ,୩।୧(ଡି.ଏନ.ଏ)**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ମାସେ ବିତିଛି। ମାତ୍ର ଧାନ କିଣାବିକାରେ ଅବ୍ୟବସ୍ଥା ଜାରି ରହିଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି । ଏହି କ୍ରମରେ ସୋମବାର ପାଇକମାଳ ଥାନା ଅନ୍ତର୍ଗତ ଆଞ୍ଚଳିକ କୃଷକ ମହାସଂଘ, ମାଣ୍ଡୋସିଲ ପକ୍ଷରୁ ବରତୁଣ୍ଡା ଛକରେ ବରଗଡ଼-ନୂଆପଡ଼ା ରାସ୍ତା ଅବରୋଧ କରାଯାଇଥିଲା। ମଣ୍ଡିରେ ପଡ଼ିଥିବା ଧାନକୁ ତୁରନ୍ତ ଉଠାଯିବା, ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କିଣାଯିବା ଆଦି ଦାବି ନେଇ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ପୋଲିସ ଓ ବିଭାଗୀୟ ଅଧିକାରୀମାନେ ଆନ୍ଦୋଳନସ୍ଥଳକୁ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଅଧିକାରୀମାନେ ଚାଷୀଙ୍କ ଦାବି ଉପରେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ଆଞ୍ଚଳିକ କୃଷକ ମହାସଂଘର ଗିରିଶ କୁମାର ଡନସନା, ଗଣେଶ ପ୍ରଧାନ, ରମେଶ ମହାପାତ୍ର, ବିଶ୍ୱନାଥ ବାଗ ପ୍ରମୁଖ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# କୁଚିଆ ମଦ ବିରୋଧରେ ତାତିଲେ ମହିଳା



ମଦ ବିକ୍ରି ବନ୍ଦ ପ୍ରତିବାଦରେ ବାଉଁଶୁଣୀ ଥାନା ସମ୍ମୁଖରେ ମହିଳାମାନେ।

**ବାଉଁଶୁଣୀ, ୩।୧(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଅନ୍ତର୍ଗତ ବସ୍ତ୍ରମପୁର ଗ୍ରାମରେ ଅବାଧରେ ଚାଲିଛି କୁଚିଆ ମଦ କାରବାର। ଅବକାରୀ ବିଭାଗ, ସ୍ଥାନୀୟ ପୋଲିସ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉ ନ ଥିବାରୁ ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଅବାଧ ମଦ କାରବାର ଯୋଗୁ ଗାଁରେ ଅଶାନ୍ତିକର ପରିବେଶ ସୃଷ୍ଟି ହେଉଛି। ବିଶେଷ କରି ଯୁବ ସମାଜ ପଥଭ୍ରଷ୍ଟ ହେଉଛନ୍ତି। ପରିସ୍ଥିତି ଏପରି ହେଉଛି ଯେ, ରାସ୍ତାରେ ଝିଅବୋହୂ ଚାଲିବାକୁ ସୁରକ୍ଷିତ ମଣୁନାହାନ୍ତି। ଶେଷରେ ଅନନ୍ୟୋପାୟ ହୋଇ ଗାଁରେ ଥିବା ମିଶନ ଶକ୍ତି ସହାୟକ ଗୋଷ୍ଠୀର ମହିଳାମାନେ ସୋମବାର ଗ୍ରାମରୁ କୁଚିଆ ମଦ ବିକ୍ରି ବନ୍ଦ ଦାବିରେ ବାଉଁଶୁଣୀ ଥାନା ଆଗରେ ଧାରଣା ଦେଇଥିଲେ । ସେଠାରେ ସେମାନେ ଅଭିଯୋଗ କରିଥିଲେ ଯେ, ଗ୍ରାମର ଦୁଇଜଣ ବ୍ୟକ୍ତି ବାହାରୁ ମଦ ସଂଗ୍ରହ କରି ଆଣି ଏଠାରେ ବିକ୍ରି କରୁଛନ୍ତି। ବାରମ୍ବାର ତାଗିଦ୍ ପରେ ମଧ ସେମାନେ କାହା କଥା ଶୁଣୁନାହାନ୍ତି। ଏପରିକି ସ୍ଥାନୀୟ ଥାନା ଓ ଅବକାରୀ ବିଭାଗକୁ ଜଣାଇଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତେଣୁ ଆଜି ଦାବିପତ୍ର ଦେଲାପରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଗାମୀ ଦିନରେ ସେମାନେ ଆଇନକୁ ହାତକୁ ନେବାକୁ ବାଧ ହେବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ୱାର୍ଡସଭ୍ୟା ପ୍ରେମଶିଳା ଭୋଲ୍ଟା, ପୁଷ୍ପାଞ୍ଜଳି ବାରିକ, କଳ୍ପନା ନାୟକ, କୁନ୍ତି ପାତ୍ର, ପୁଷ୍ପଲତା ଭୋଲ୍ଟା ପ୍ରମୁଖଙ୍କ ନେତୃତ୍ୱରେ ମହିଳାମାନେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଜଙ୍ଗଲରୁ ଗଳିତ ମୃତଦେହ ଜବତ

**ଘଣ୍ଟାପଡା,୩।୧(ଡି.ଏନ୍.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଘଣ୍ଟାପଡା ଫାଣ୍ଡି ଉମା ପଞ୍ଚାୟତ ଅନ୍ତର୍ଗତ ସମାଡାଙ୍କି ଗ୍ରାମର ଫୁଲିଝରନ ଜଳପ୍ରପାତକୁ ଯାଇଥିବା ଜଙ୍ଗଲ ରାସ୍ତା ପାର୍ଶ୍ୱରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ରବିବାର ନାରାୟଣପ୍ରସାଦ ଅଞ୍ଚଳର କିଛି ଯୁବକ ଫୁଲିଝରନ ଜଳପ୍ରପାତକୁ ପିକ୍‌ନିକ୍ ପାଇଁ ବାହାରିଥିଲେ। ଜଙ୍ଗଲ ରାସ୍ତାରେ ଶବ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ କଣ୍ଟାମାଳ ଭାରପ୍ରାପ୍ତ ଥାନାଧିକାରୀ ତପସ୍ୱିନୀ କଅଁରଙ୍କ ନେତୃତ୍ୱରେ ଘଣ୍ଟାପଡା ଫାଣ୍ଡି ଅଧିକାରୀ ପ୍ରଶାନ୍ତ ମଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ତଦନ୍ତ କଲାପରେ ଗଳିତ ମୃତଦେହ କନ୍ଧମାଳ ଜିଲା ବାଲିଗୁଡା ଥାନା ବାରଖମାର ଫାଣ୍ଡି ଖମନଖୋଲ ପଞ୍ଚାୟତ ସୁତାଲଦା ଗ୍ରାମର ସୁଦର୍ଶନ ମଲିକ(୨୭) ବୋଲି ଜଣାପଡିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ତଥ୍ୟ ଜାଣିହେବ ବୋଲି କଣ୍ଟାମାଳ ଥାନା ଭାରପ୍ରାପ୍ତ ଅଧିକାରୀ ତପସ୍ୱିନୀ କଅଁର କହିଛନ୍ତି ।

# ଶିକ୍ଷକ ବଦଳି ପ୍ରତିବାଦରେ ଗେଟ୍‌ରେ ତାଲା ପକାଇଲେ ଛାତ୍ରୀଛାତ୍ର



ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଛାତ୍ରୀଛାତ୍ରମାନେ ପ୍ରତିବାଦ କରୁଛନ୍ତି।

**ବୌଦ୍ଧ, ୩।୧(ସ୍ୱ.ପ୍ର)**

ବୌଦ୍ଧ ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ବଦଳିର ପ୍ରତିବାଦ କରିଛନ୍ତି ଛାତ୍ରୀଛାତ୍ର। ସୋମବାର ସେମାନେ ବିଦ୍ୟାଳୟ ଗେଟରେ ତାଲା ପକାଇବା ସହିତ ବାହାରେ ଧାରଣା ଦେଇଛନ୍ତି। ସୂଚନା ମୁତାବକ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ତିନିଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ହେଲେ ସେମାନଙ୍କ ସ୍ଥାନରେ ନୂତନ ନିଯୁକ୍ତି ଦିଆଯାଇନାହିଁ। ଚଳିତବର୍ଷ ବିଦ୍ୟାଳୟରେ ଯୁକ୍ତଦୁଇ ପ୍ରଥମବର୍ଷ ଆରମ୍ଭ ହୋଇଥିଲେ ମଧ ଖାଲିଥିବା ପଡିଥିବା ଅଧକ୍ଷ ଓ ଶିକ୍ଷକ ପଦବୀ ପୂରଣ କରାଯାଇନାହିଁ। ଏଥିଯୋଗୁ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି। ମଙ୍ଗଳବାର ଅନ୍ୟାନାପାୟ ହୋଇ ଛାତ୍ରଛାତ୍ରୀମାନେ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଡ.ଉଦୟନାଥ ମାଝି ଘଟଣାସ୍ଥଳରେ ପହଞ୍ଚି ଖୁବଶୀଘ୍ର ଅଧ୍ୟକ୍ଷଙ୍କ ସହିତ ଖାଲିଥିବା ଶିକ୍ଷକ ପଦ ପୂରଣର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## କ୍ରିକେଟ: ସୋହେଲା ଚାମ୍ପିୟନ

**ପଦ୍ମପୁର, ୩।୧(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଜମଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ୭ଦିନ ବ୍ୟାପୀ ଚାଲିଥିବା ପ୍ରଥମ ଲୋକେଶ ମେମୋରିଏଲ କ୍ରିକେଟ କପ୍ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ସୋହେଲା ଦଳ ସମ୍ବଲପୁରକୁ ପରାସ୍ତ କରି ଚାମ୍ପିୟନ ହୋଇଛି । ଟସ୍ ଜିତି ପ୍ରଥମେ ସମ୍ବଲପୁର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ୍ କରିଥିଲା। ଜବାବରେ ସୋହେଲା ଦଳ ୧୭ ଓଭରରେ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସଞ୍ଜୟ ସର୍ବାଧିକ ୭୧ ରନ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିଲେ। ସମ୍ବଲପୁର ଦଳର ଟିଙ୍କୁକୁ ମ୍ୟାନ ଅଫ ଦି ସିରିଜ, ଆଶୀଷ ଶ୍ରେଷ୍ଠ ବୋଲର, ସୋହେଲା ଦଳର ସଞ୍ଜୟ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଦୁବଲାବାହାଲ ଦଳର ଆନନ୍ଦ ଶ୍ରେଷ୍ଠ ଫିଲ୍ଡର୍ସ ଭାବେ ସମ୍ବର୍ଦ୍ଧିତ ହୋଇଥିଲେ। ସୁରେଶ ସାହୁ ମୁଖ୍ୟ ଅତିଥି, ସରପଞ୍ଚ ତୁଳାରାମ ବେହେରା, ଶିକ୍ଷକ କିଶୋର ପାତ୍ର, ନରେନ୍ଦ୍ର ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

## ଆଇଆର୍‌ବି ବୌଦ୍ଧ, ମହେଶ୍ୱରପିଣ୍ଡା ବିଜୟୀ

**ବାଉଁଶୁଣୀ, ୩।୧(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବଢିଗାଁ ଖେଳପଡ଼ିଆରେ ମା' ଦୁର୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ମା' ଭୈରବୀ ଫୁଟବଲ ପ୍ରତିଯୋଗିତାର ସୋମବାର ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ ଆଇଆର୍‌ବି ବଲାସିଙ୍ଗା ଓ ପିଙ୍ଗଳାବେଡା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ବରାବର ରହିବାରୁ ଟାଇବ୍ରେକରରେ ଆଇଆର୍‌ବି ୫-୪ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଜାମପାଲି ଓ ମହେଶ୍ୱରପିଣ୍ଡା ମଧ୍ୟରେ ହୋଇଥିଲା। ଟାଇବ୍ରେକରରେ ମହେଶ୍ୱରପିଣ୍ଡା ୬-୫ ଗୋଲରେ ବିଜୟୀ ହୋଇଥିଲା। ସିଲୁ ବେହେରା ମ୍ୟାଚ୍ ପରିଚାଳନା ଏବଂ ଲାଇନରେ ପ୍ରହ୍ଲାଦ ଭୋଲ୍ଟା ଓ ସୁଜିତ ରାଜହଂସ ଥିଲେ। ବରୁଣ ପ୍ରଧାନ ଚତୁର୍ଥ ରେଫରି ଥିଲେ। ନୀଳମଣି ପଟ୍ଟନାୟକ, ସଦାନନ୍ଦ ପଞ୍ଜାବୀ, ଶୁଭ୍ରାଂଶୁ ଶେଖର ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ।

## ଡାକ୍ତରଖାନାରେ ଆଶାକର୍ମୀଙ୍କ ଧାରଣା



ବରପାଲି ଡାକ୍ତରଖାନା ସମ୍ମୁଖରେ ଆଶାକର୍ମୀବୃନ୍ଦ ।

**ବରପାଲି,୩।୧(ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ସରକାରୀ ଡାକ୍ତରଖାନା ଆଗରେ ସୋମବାର ଆଶାକର୍ମୀମାନେ ବିଭିନ୍ନ ଦାବି ନେଇ ଧାରଣାରେ ବସିଥିଲେ। କରୋନା କାଳରେ ସେମାନେ କାର୍ଯ୍ୟ କରିଥିଲେ ସୁଦ୍ଧା ଏଯାଏ ସେମାନଙ୍କୁ କୋଭିଡ୍ ପ୍ରୋତ୍ସାହନ ରାଶି ମିଳିନାହିଁ। ତେବେ ଏହି ପ୍ରୋତ୍ସାହନ ରାଶି ନ ମିଳିବା ପର୍ଯ୍ୟନ୍ତ ସେମାନେ ଆଉ କରୋନା ମୁକାବିଲା କାର୍ଯ୍ୟ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ କରୋନାର ଆଉ ଏକ ଲହର ଆସୁଥିବାବେଳେ ଆଶାକର୍ମୀଙ୍କ ଏଭଳି ଚେତାବନୀ କରୋନା ମୁକାବିଲା କାର୍ଯ୍ୟକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ଫଳରେ ଆଶାକର୍ମୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରୋତ୍ସାହନ ରାଶି ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ଇଲେଭେନ ଷ୍ଟାର୍ କଳାପଥର ବିଜୟୀ

## ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

**ସୋନପୁର,୩।୧(ନି.ପ୍ର.)**

ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବ ପକ୍ଷରୁ ୯ମ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଛକସ୍ଥିତ ରୟାଲ ପଡିଆରେ ଆୟୋଜିତ ଉଦ୍‌ଘାଟନୀ ମ୍ୟାଚ୍ ଇଲେଭେନ ଷ୍ଟାର କଳାପଥର ଓ ସୁପର ଷ୍ଟାର ଇଲେଭେନ ସୋନପୁର ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ କଳାପଥର ଦଳ ୪-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ବେଷ୍ଟ ଡିଫେନ୍ସଭାବେ ଫିରୋଜ ଖାନ, ବେଷ୍ଟ ମିଡ୍ ଫିଲ୍ଡର ଭରତ ମୁଣ୍ଡା, ବେଷ୍ଟ ୱିଙ୍ଗର ବିଷ୍ଣୁ ମୁଣ୍ଡା, ବେଷ୍ଟ ଗୋଲକିପର ସୁଦାମ ମୁଣ୍ଡା ଓ ହିରୋ ଅଫ ଦି ମ୍ୟାଚ୍‌ଭାବେ ଅଜୟ ଖାଡିଆଙ୍କୁ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ଜଗତ ଜଗଦଲା, ସୁଦାମ ଜଗଦଲା, ପ୍ରଶାନ୍ତ ସେଠୀ ଓ ଗଜାନନ ବନକୁର ପରିଚାଳନା କରିଥିଲେ। ଶ୍ରୀରାମ ଚରଣ ସୁନା ମ୍ୟାଚ୍ କମିଶନରଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏସ୍‌ପି ସୀତାରାମ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ସନ୍ଦିପ ମହାରଣା, ଗୁଣନିଧି ମେହେର, ସୁଶାନ୍ତ ପଧାନ, ରିଜର୍ଭ ଇନିସପେକ୍ଟର ପ୍ରଦ୍ୟୁମ୍ନ ପଟେଲ, ଜିଲା ହାବିଲଦାର-କନେଷ୍ଟବଳ ସଂଘର ସଭାପତି କୁମୁଦ ରଞ୍ଜନ ମେହେର ଓ ସମ୍ପାଦକ ସୁଧାଂଶୁ ଶେଖର ମେଣ୍ଡିଲି ଯୋଗ ଦେଇଥିଲେ । ପୁରସ୍କାର ବିତରଣୀ ଉତ୍ସବକୁ ରୟାଲ ସ୍ପୋର୍ଟିଂ କ୍ଲବ ସମ୍ପାଦକ ରାକେଶ ନାଗ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

## ନବଜାତକର ଗଳିତ ମୃତଦେହ ଜବତ

**କୋକସରା/ ବେହେରା, (ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ କୋକସରା ଥାନା ଅନ୍ତର୍ଗତ ଜୟନ୍ତପୁର ଗ୍ରାମରେ ଏକ ପରିତ୍ୟକ୍ତ କୂଅରୁ ନବଜାତକର ଗଳିତ ମୃତଦେହ ପୋଲିସ ଜବତ କରିଛି। ଘଟଣା ସମ୍ପର୍କରେ ଖବର ପାଇ କୋକସରା ପୋଲିସ ଏଏସଆଇ ଜନ୍ମେଜୟ ବାଗ ପହଞ୍ଚି କୋକସରା ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଶିଶୁର ମୃତଦେହ ଉଦ୍ଧାର କରିଥିଲେ। କୋକସରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଆଦିବାସୀଙ୍କ ରଣହୁଙ୍କାର

**ନୂଆପଡ଼ା ଅଫିସ୍, ୩ ।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଗତ ୨୪ରେ ସାନି ସଂରକ୍ଷଣ ତାଲିକା ପ୍ରକାଶ ପାଇଥିଲା। ସେହି ତାଲିକାରେ ଆଦିବାସୀଙ୍କୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଇଥିବାର ସେମାନେ ଅଭିଯୋଗ କରିଆସୁଛନ୍ତି। ଏନେଇ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସୋମବାର ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦିଆଯାଇଥିଲା। ଜିଲାର ସମସ୍ତ ବ୍ଲକରୁ ଆଦିବାସୀ ମହିଳା, ପୁରୁଷ ଓ ପିଲାଛୁଆ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଅସ୍ତ୍ରଶସ୍ତ୍ର ଧରି ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ଧାରଣାରେ ବସିଥିଲେ। ଏହା ସହିତ ୩୫୩ ନମ୍ବର ଜାତୀୟ ରାଜପଥ ଦୀର୍ଘ ୪ ଘଣ୍ଟା କାଳ ଅବରୋଧ କରିଥିଲେ। ଏହି ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଆଦିବାସୀମାନେ ଧସେଇ ପଶିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ନୂଆପଡ଼ା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝିଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ଜିଲାର ସମସ୍ତ ଆଦିବାସୀ ନେତା ଦଳମତ ନିର୍ବିଶେଷରେ ଯୋଗଦାନ କରିଥିଲେ। ପୂର୍ବରୁ ନୂଆପଡ଼ା ଆଦିବାସୀ କଲ୍ୟାଣ ସଂଘ ସେମାନଙ୍କ ଦାବି ପୂରଣ ନ ହେବାରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବର୍ଜନ କରିବା ପାଇଁ ଘୋଷଣା କରି ସାରିଥିଲେ। ଅନୁସୂଚିତ ଜନଜାତି ପାଇଁ ପୂର୍ବରୁ ରଖାଯାଇଥିବା ସଂରକ୍ଷଣକୁ ବଳବତ୍ତର ରଖିବା ସହିତ ରାଜ୍ୟ ସରକାରଙ୍କ ଘୋଷିତ ସାନି ବିଜ୍ଞପ୍ତି ଚିଠି ସଂଖ୍ୟା ୨୨୬୮୬ ତାରିଖ ୨୪ ଡିସେମ୍ବର ୨୦୨୧କୁ ଉଚ୍ଛେଦ କରିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ବାଳକୃଷ୍ଣ ଶବର କହିଛନ୍ତି ଯେ, ବିଜେଡିରେ ଯେତେ ଆଦିବାସୀ ଥିଲେ ସମସ୍ତେ ଆଜିଠାରୁ ବିଜେଡି ଦଳକୁ ଛାଡି ପଦପଦବୀରୁ ଇସ୍ତଫା ଦେବାକୁ ଆହ୍ୱାନ ଦେଇଛନ୍ତି। ଖାମ୍ ସିଂ ମାଝି, ହୋମ ସିଂ ମାଝି, ବିହାରୀ ଲାଲ ଶବର, ଜୟରାମ ଶବର, ଭକ୍ତବନ୍ଧୁ ଧରୁଆ ପ୍ରମୁଖ ନେତୃତ୍ୱ ନେଇଥିଲେ।



ନୂଆପଡ଼ାରେ ଆଦିବାସୀଙ୍କ ବିକ୍ଷୋଭ ସମାବେଶ।

## ସଂକ୍ଷେପରେ

### ଯୁବକଙ୍କ ଗାଁ ସଫେଇ

**ଖପ୍ରାଖୋଲ, ୩।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ପଞ୍ଚାୟତ ହିର୍ଲି ଗାଁରେ ଯୁବକମାନେ ସୋମବାର ସଫେଇ କରିଥିଲେ। ପାଟଣେଶ୍ୱରୀ ସାହୁ ସମାଜ ଯୁବଗୋଷ୍ଠୀର ଯୁବକମାନେ ପ୍ରଥମେ ସଂଗଠିତ ହୋଇ ଗାଁ ଚାରିପାଖ କୋଡି କୋଦଳ ଧରି ସଫେଇ କରିଥିଲେ। ଶେଷଦେବ ସାହୁ, ଗଙ୍ଗାଧର ସାହୁ, ବୀର ସାହୁ, ପଙ୍କଜ ସାହୁ, ଡୋଳାମଣି ସାହୁ, ଗୁରୁ ସାହୁ, କୁଶ ସାହୁ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଯୁବକ ଏଥିରେ ସାମିଲ ହୋଇଥିଲେ।

### ଗାଡ଼ି ଧକ୍କାରେ ଯୁବକ ମୃତ

**ସଇଁତଳା, ୩।୧(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ରଣୀମହୁଲ ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେଓଗାଁ ଥାନା ଝରାଇବାହାଲ ଗ୍ରାମର ଗୋବିନ୍ଦ ବଗର୍ତ୍ତି(୪୦)। ପୁଅକୁ ବଡ଼ମାଳ ଗୋଳାବାରୁଦ କାରଖାନାରେ ଥିବା ସମ୍ପର୍କୀୟଙ୍କ ଘରେ ଛାଡ଼ି ଗୋବିନ୍ଦ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଖବର ପାଇ ସଇଁତଳା ଥାନା ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ଡ଼ାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ତାଙ୍କ ପରିବାର ଲୋକେ ସଇଁତଳାରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଯାଇଥିବା ତଦନ୍ତକାରୀ ଅଧିକାରୀ ପ୍ରସନ୍ନ କୁମାର ନାଏକ କହିଛନ୍ତି।

### ପ୍ରଧାନଶିକ୍ଷକଙ୍କ ବଦଳି ପ୍ରତିବାଦରେ ଧାରଣା

**ଖପ୍ରାଖୋଲ, ୩।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୋତିଲାଲ ତାଣ୍ଡଙ୍କ ବଦଳିର ପ୍ରତିବାଦ କରିଛନ୍ତି ଅଭିଭାବକ। ସୋମବାର ସେମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପୂର୍ବରୁ ବଦଳି ବାତିଲ ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଧାରଣା ଦିଆଯାଇଥିବା ଅଭିଭାବକମାନେ କହିଛନ୍ତି। ଦାବିପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଈଶ୍ୱର ଛତରଙ୍କ ସହ ଅଭିଭାବକମାନେ କହିଛନ୍ତି। ଏନେଇ ଏବିଇଓ ମିନିକେତନ ବରିହାଙ୍କୁ ପଚାରିବାରୁ ଅଭିଭାବକଙ୍କ ଦାବିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିବା କହିଛନ୍ତି।

### ପ୍ରଶାସନିକ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଲା ଡ୍ରାଇଭର ସଂଘ

**କୋକସରା,୩।୧(ଡି.ଏନ.ଏ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ନବବର୍ଷ ଅବସରରେ ସୋମବାର ବ୍ଲକର ପ୍ରଶାସନିକ ଅଧିକାରୀମାନଙ୍କୁ ଭେଟି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ସଂଘର କର୍ମକର୍ତ୍ତା। କୋକସରା ବିଡ଼ିଓ ମନୀଷା ଦାସ, ତହସିଲଦାର ମନୋଜ ପାଢ଼ୀ, ଆମପାଣି ଥାନା ଅଧିକାରୀ ଚତୁର୍ଭୁଜ ନାଏକ, କୋକସରା ଥାନା ସବ୍‌ଇନ୍ସପେକ୍ଟର ଗୋପବନ୍ଧୁ ନାଏକଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂଘର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିବା ସହ ସହଯୋଗ କାମନା କରିଛନ୍ତି। ଏହି ଅବସରରେ କୋକସରା ବ୍ଲକ ଡ୍ରାଇଭର ସଂଘର ଚଇ ଗୋପାଲ, ଭଗବାନ ପଟ୍ଟନାୟକ, ଜଗନ୍ନାଥ ଦଳପତି, ଶ୍ରୀବତ୍ସ ଗୋପାଲ, ବୃନ୍ଦାବନ ଦୁର୍ଗା, ଲୁଲୁ ପ୍ରସାଦ ଯାଦବ, ନବାବ ଦାସ, ଜୟଲାଲ ଭୋଇ, ସଚିନ୍ଦ୍ର ନାଗ, କ୍ଷୀରୋଦ ବେହେରା, କୃଷ୍ଣ ଦିପ, ଦିଗାମ୍ବର ଦାସ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

### ସ୍କିଲ ହବ୍ସ କେନ୍ଦ୍ର ପାଇଁ ଜୁନାଗଡ଼ ସରକାରୀ ହାଇସ୍କୁଲ ଚୟନ

**ଜୁନାଗଡ,୩।୧(ଡି.ଏନ.ଏ):** କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ କଳାହାଣ୍ଡି ଜିଲା ଜୁନାଗଡ ସରକାରୀ ହାଇସ୍କୁଲକୁ ସ୍କିଲ ହବ୍ସ କେନ୍ଦ୍ର ପାଇଁ ଚୟନ କରାଯାଇଛି। ଏଥିରେ ଅଷ୍ଟମରୁ ଯୁକ୍ତ ୨ ପର୍ଯ୍ୟନ୍ତ ପାଠପଢ଼ି କି ବେରୋଜଗାର ହୋଇ ବସିଥିବା ୧୮ ରୁ ୨୯ ବର୍ଷର ଛାତ୍ରୀଛାତ୍ରଙ୍କୁ ମାଗଣାରେ କମ୍ପ୍ୟୁଟର ଓ ରିଟେଲ ଉପରେ ୩ମାସ ତାଲିମ ପ୍ରଦାନ କରାଯିବ। ୩ମାସ ତାଲିମ ପରେ ସେମାନଙ୍କୁ ୬ହଜାର ଷ୍ଟାଇପେଣ୍ଡ ସହ ଯୋଗ୍ୟତା ଅନୁଯାୟୀ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ଦିଆଯିବ। ସ୍କୁଲର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାମନ୍ତରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ସନ୍ତୋଷ କୁମାର ସିଂଦେଓ, ପୁରାତନ ଛାତ୍ର କୁବଳେଶ୍ୱର ପାଣିଗ୍ରାହୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆଇଟି ଶିକ୍ଷକ ଟଙ୍କଧର ସାହୁ ପରିଚାଳନା କରିଥିଲେ।

## ଖବରକାଗଜ ବିତରକଙ୍କୁ ସାଇକେଲ ପ୍ରଦାନ

**ନୂଆପଡ଼ା ଅଫିସ, ୩।୧**

ରାଜ୍ୟ ସରକାର ଖବର କାଗଜ ବିତରକ(ହକର)ମାନଙ୍କୁ କୋଭିଡ୍ ସହାୟତା ପ୍ରଦାନ କରିଥିଲେ। ସୋମବାର ନୂଆପଡା ବିଜୁ ଜନତା ଦଳ ଓ କାଞ୍ଚନବେନ ରସିକଲାଲ ଢୋଲକିଆ ଚେରିଟେବୁଲ ଟ୍ରଷ୍ଟ ଖରିଆର ରୋଡ ପକ୍ଷରୁ ଜିଲାର ୪୨ଜଣ ଖବରକାଗଜ ବିତରକ (ହକର)ଙ୍କୁ ସାଇକେଲ ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଏହା ବଣ୍ଟନ କରିଥିଲେ। ନୂଆପଡା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର ଢୋଲକିଆ, ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ ଉପସ୍ଥିତ ଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଉପାଧକ୍ଷ ଭାନୁ ପ୍ରତାପ ସିଂ ମାଝି, ଜିଲା ବିଜୁଛାତ୍ର ଜନତା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ, ଜିଲା ଉପସଭାପତି କ୍ଷିତିଶ ଅଶୋକ ବୋଧନକର, ଜିଲା ସମ୍ପାଦକ ସୁଧିର ମିଶ୍ର, କାଞ୍ଚନବେନ ରସିକଲାଲ ଢୋଲକିଆ ଚାରିଟେବୁଲ ଟ୍ରଷ୍ଟର ସଭାପତି ଜୟ ଢୋଲକିଆ, ଜିଲା ସହକାରୀ ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ୱାଇସିସି କ୍ରିକେଟ୍: ନୂଆପଡ଼ା ଚାମ୍ପିୟନ

**ସିନାପାଲି,୩।୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ୱାଇସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟିଟିଲାଗଡ଼ ଦଳକୁ ହରାଇ ନୂଆପଡ଼ା ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପବନ ଶର୍ମା, ଉଜ୍ଜଳ ଗୁପ୍ତା, ଦିବାକର ଖମାରୀ, ରୋହିତ ଦାସ, କୌଶଲ୍ୟା ମେହେର, ବୈକୁଣ୍ଠ ତାଣ୍ଡି, ଆନନ୍ଦ ମେହେର, ପିଇଓ ସୁଶାନ୍ତ ବେହେରା, ତ୍ରିନାଥ ମେହେର, ଗଙ୍ଗାରାମ ମେହେର, ୱାଇସିସି ସଭାପତି ଡୋଲେଶ୍ୱର ମେହେର, ସମ୍ପାଦକ ଗୁପ୍ତେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ। ଓଲିଉଡ ଅଭିନେତ୍ରୀ ସେଫାଳି ବର୍ମା ଯୋଗଦାନ କରି ଦର୍ଶକଙ୍କ ମନମୋହିଥିଲେ। ଉକ୍ତ ଉଦ୍‌ଯାପନୀ ମ୍ୟାଚ ଟିଟିଲାଗଡ଼ ଓ ନୂଆପଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ନୂଆପଡା ଦଳ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୩୫ ରନ୍ ସଂଗ୍ରହ କରିଥିଲେ। ଜବାବରେ ଟିଟିଲାଗଡ଼ ଦଳ ୧୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୬ ରନ୍ ସଂଗ୍ରହ କରି ପରାଜୟ ହୋଇଥିଲା । ଉଦଯାପନୀ ଖେଳ ପରିଚାଳନା କରିଥିଲେ ଭୀଷ୍ମନାରାୟଣ ମେହେର ଓ ହେମନ୍ତ ମେହେର। ସ୍କୋରର ଭାବରେ ଡିଜିଟାଲ ସ୍କୋର ଦାୟିତ୍ୱରେ ନିତେଶ ମେହେର, ଡିସେମ୍ବର ମେହେର ଥିଲେ। ଉଦ୍‌ଘୋଷକ ଭାବରେ ରିଙ୍କୁ ଖମାରୀ, ଥବିର ଦୀପ, ବିଜୁ ସେଠୀ ପ୍ରମୁଖ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ୨୪ ତାରିଖ ଆରମ୍ଭ ହୋଇ ସାତ ଦିନଧରି ଆୟୋଜିତ ହୋଇଥିଲା। ଚାମ୍ପିୟନ ନୂଆପଡା ଦଳକୁ ଟ୍ରଫି ସହ ନଗଦ ୩୫ହଜାର ଟଙ୍କା, ରନର୍ସ ଅପ୍ ଟିଟିଲାଗଡ଼ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।



ଚାମ୍ପିୟନ ଟ୍ରଫି ସହ ଖେଳାଳି।

## ପରିଚାଳନା କମିଟି, ଗ୍ରାମବାସୀଙ୍କ ଧାରଣା

### କେଲିଆ ସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବଦଳି ଘଟଣା

**ଜୁନାଗଡ,୩।୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କେଲିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବଦଳିକୁ ନେଇ ଗତ କିଛିଦିନ ହେଲା ବିବାଦ ଦେଖାଦେଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବଦଳି କରାଯାଇଥିବାରୁ ଏହାକୁ ବିରୋଧ କରି ଗତ ଡିସେମ୍ବର ୧୮ରୁ ସ୍ଥାନୀୟ ଗ୍ରାମବାସୀ ଓ ପରିଚାଳନା କମିଟି ପକ୍ଷରୁ ଫାଟକରେ ତାଲା ପକାଇ ସ୍କୁଲ ସମ୍ମୁଖରେ ଧାରଣା ଦେଇଛନ୍ତି। ତେବେ ଡିସେମ୍ବର ୨୩ରୁ ଜାନୁୟାରୀ ୨ପର୍ଯ୍ୟନ୍ତ ଛୁଟିଥିଲା। ଏହି ସମୟରେ ସ୍କୁଲଗୁଡିକ ବନ୍ଦ ଥିଲା। ସୋମବାରଠୁ ପୁଣି ସ୍କୁଲ ଖୋଲିଲା ପରେ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ପୁନଶ୍ଚ ଧାରଣା ଜାରିରଖିଛନ୍ତି। ଏହି ଘଟଣା ପ୍ରତି ଶିକ୍ଷାବିଭାଗ ବେଫିକର ରହିଥିବାରୁ ବର୍ତ୍ତମାନ ଯାଏଁ ମଧ କୌଣସି ସମାଧାନ କରାଯାଇପାରିନାହିଁ। ବଦଳି ହୋଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନରୋତ୍ତମ ନାଏକଙ୍କୁ ଫେରାଇ ନ ଆଣିବା ଯାଏଁ ଧାରଣା ଦିଆଯିବ ବୋଲି ଗ୍ରାମବାସୀ/ସ୍କୁଲ ପରିଚାଳନା କମିଟି ନିଜ ଜିଦ୍‌ରେ ରହିଛନ୍ତି। ଏ ନେଇ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ପଚାରିବାରୁ ସ୍ଥାନୀୟ ବିଇଓ ଏହି ବଦଳି କରିଛନ୍ତି। ତେଣୁ ସେ ଜାଣିବେ ବୋଲି ସଫେଇ ଦେଇଥିଲେ। କଳାହାଣ୍ଡି ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ।



ସ୍କୁଲ ସମ୍ମୁଖରେ କେଲିଆ ଗ୍ରାମବାସୀଙ୍କ ଧାରଣା।

## ମୋବାଇଲ ଟାୱାର ସ୍ଥାପନ ଦାବିରେ ବିଧାୟକଙ୍କୁ ଭେଟିଲେ ଅଞ୍ଚଳବାସୀ

**ଲାଞ୍ଜିଗଡ,୩।୧(ଡି.ଏନ.ଏ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଡିଜିଟାଲ ଇଣ୍ଡିଆର ସୁଫଳ ପହଞ୍ଚି ପାରୁନାହିଁ। ଏହାକୁ ନେଇ ଜନଅସନ୍ତୋଷ ବଢୁଥିବାବେଳେ ଲାଞ୍ଜିଗଡ ବ୍ଲକର ବନ୍ଧପାରି ଗ୍ରାମପଞ୍ଚାୟତ ଅଞ୍ଚଳରେ ମୋବାଇଲ ଯୋଗାଯୋଗ ପାଇଁ ବିଧାୟକ ପ୍ରଦୀପ କୁମାର ଦିଶାରିଙ୍କୁ ଦାବି କରିଛନ୍ତି ବନ୍ଧପାରି ଗ୍ରାମପଞ୍ଚାୟତ ଅଞ୍ଚଳବାସୀ। ଲାଞ୍ଜିଗଡ ବିଧାୟକ ଦିଶାରି ଦିନିକିଆ ଲାଞ୍ଜିଗଡ ବ୍ଲକରେ ଗସ୍ତରେ ଆସିଥିବାବେଳେ ତାଙ୍କୁ ସାକ୍ଷାତ କରି ନିଜର ଦାବି ଉପସ୍ଥାପନ କରିଛନ୍ତି ଅଞ୍ଚଳବାସୀ।

## ଚାନ୍ଦିଲି ପାହାଡ଼ ମହୋତ୍ସବ ଉଦ୍‌ଯାପିତ

**ଦେଓଗାଁ,୩।୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଦେଶଣ୍ଡଠାରେ ୪ଦିନ ଧରି ଚାଲିଥିବା ଚାନ୍ଦିଲି ପାହାଡ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର କଳସଯାତ୍ରା, ଶନିବାର ୧୬ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ପାଇଁ ଯଜ୍ଞଧୂନି ସ୍ଥାପନ କରାଯାଇଥିଲା । ଫଲସାପଡାର ଅବଧୂତ ଆନନ୍ଦ ବାବା, ବଙ୍ଗୋମୁଣ୍ଡାର କପିଳେନ୍ଦ୍ର ବାବା ଓ ସାଧୁବୃନ୍ଦ ଯୋଗଦେଇ ଘୃତାହୁତି ପ୍ରଦାନ କରିଥିଲେ । ଯଜ୍ଞକର୍ତ୍ତା ଭାବେ ଘାସିରାମ ରଣା ଓ ଦମୟନ୍ତୀ ରଣା ଦାୟିତ୍ୱ ତୁଲାଇ ଥିଲେ। ପ୍ରହରି କର୍ତ୍ତାଭାବେ ରାଜିନ୍ଦ୍ର ସାଏ ଓ ସୀତୟା ସାଏ କାର୍ଯ୍ୟ ନିର୍ବାହ କରିଥିଲେ। ମହୋତ୍ସବରେ କଂସ ଦରବାର, ଡ୍ୟାନ୍ସ ଧମାକା ଓ ମୀନା ବଜାର ଆକର୍ଷଣ ସାଜିଥିଲା । ମହୋତ୍ସବକୁ କମିଟି ସଭାପତି ନୀଳମଣି ପାଣିଗାହୀ, ସ୍ୱୟଂବର ମେହେର ତଥା ଚାନ୍ଦିଲିପାହାଡ ମହୋତ୍ସବ ପୂଜା କମିଟି ସହଯୋଗ କରିଥିଲେ।

## ସାପ୍ତାହିକ ବଜାର ଉଦ୍‌ଘାଟିତ

**ଦେଓଗାଁ,୩।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡ଼ବନ୍ଧରେ ସୋମବାର ଏକ ସାପ୍ତାହିକ ବଜାର ଉଦ୍‌ଘାଟିତ ହୋଇଛି । ଜଗଦୀଶ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ ଯୋଗଦେଇ ସାପ୍ତାହିକ ବଜାରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଆନନ୍ଦ ଭୋଇ, ଭଗୀରଥ ମେହେର, ସରପଞ୍ଚ ଧ୍ରୁବଲେ ରାଉତ, ସନାତନ ମେହେର, ଲିଙ୍ଗରାଜ ପଧାନ ଯୋଗଦେଇଥିଲେ। ବିଶ୍ୱନାଥ ମେହେର ବଜାରରୁ ପ୍ରଥମ ବ୍ୟକ୍ତିଭାବେ ସାମଗ୍ରୀ କ୍ରୟ କରିଥିଲେ ।



ସାପ୍ତାହିକ ବଜାର ଉଦ୍‌ଘାଟନ କରାଯାଉଛି।

## ଦେଓଗାଁ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ନୂଆଁପାଲି ବିଜୟୀ

**ଦେଓଗାଁ, ୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ନେହେରୁ ଖେଳପଡିଆରେ ସୋମବାର ୧୦ତମ ଦେଓଗାଁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ହନି ଇଲେଭେନ ଓ ନୂଆଁପାଲି ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆଁପାଲି ଦଳ ବିଜୟୀ ହୋଇଥିଲା। ସେହିପରି ସାଗରପାଲି ଓ ମାଧିଆପାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚ ଖେଳା ଯାଇଥିଲା। ମାଧିଆପାଲି ବିଜୟୀ ହୋଇଥିଲା। ପରେ ନୂଆଁପାଲି ଓ ମାଧିଆପାଲି ମଧ୍ୟରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ନୂଆଁପାଲି ଦଳ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥିଭାବେ ଯୁବ ସମାଜସେବୀ ଶଙ୍କର ପ୍ରସାଦ ଅଗ୍ରୱାଲ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ୱାଇଏମ୍‌ସି କପ୍ କ୍ରିକେଟ୍ ଉଦ୍‌ଘାଟିତ

**ନୂଆପଡ଼ା ଅଫିସ, ୩।୧**

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ୟୁଥମାସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୩୦ତମ ୱାଇଏମ୍‌ସି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି।

ଉଦ୍‌ଘାଟନୀ ମ୍ୟାଚ୍ ରାୟପୁର ଏକାଡେମୀ ଓ ୱାଇଏମ୍‌ସି ନୂଆପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାୟପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୮ଓଭର ୨ବଲରେ ୧୬୫ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ନୂଆପଡ଼ା ୱାଇଏମ୍‌ସି ଦଳ ୨୦ ଓଭରରେ ୧୬୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲାପାଳ ସ୍ୱାଧାଦେବ ସିଂ, ଜିଲା ପରିଷଦ ଅଧକ୍ଷା ନମିତା ପ୍ରଧାନ, ଉପାଧକ୍ଷା ଭାନୁ ପ୍ରତାପ ସିଂ ମାଝି, ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ମ୍ୟାଚରେ ନୂଆପଡା ୱାଇଏମ୍‌ସି ଦଳର ସୌରଭ ପଣ୍ଡା ୬୯ ବଲରେ ୧୦୦ ରନ୍ ସଂଗ୍ରହ କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚରେ ପୁରସ୍କୃତ ହୋଇଥିଲେ। ବିଶ୍ୱମ୍ବର ମହାକୁଡ ଓ ସଞ୍ଜୟ ନାଏକ ଖେଳ ପରିଚାଳନା କରିଥିଲେ। ଶୈଳେସ ଶତପଥି ସ୍କୋର ଦାୟୀତ୍ୱ ଏବଂ କାର୍ତ୍ତିକ ନିଆଲ, ସୀମାଞ୍ଚଳ ମହାପାତ୍ର ଧାରାବିବରଣୀ ଦେଇଥିଲେ। ୟୁଥମାସ କ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁ (ଭୈରବ), ସଭାପତି ପ୍ରକାଶ ସାହୁ, ବ୍ଲକ ସଭାପତି ଅମରେଶ ଚନ୍ଦ୍ର ଦାସ, ସମ୍ପାଦକ ରିଙ୍କୁ ବଗର୍ତି, ବରିଷ୍ଠ କ୍ରୀଡାବିତ ସୁରେଶ ସାହୁ, ସଞ୍ଜୟ ପଟ୍ଟନାୟକ, ସୁଧିର ମିଶ୍ର, ଶ୍ରୀରାମ ମିଶ୍ର, ଜିତୁ ହୋତା, ଜାବେଦ ଖାନ, ଟିଙ୍କୁ ଖାନ୍ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ମିଳିତ ଆନ୍ଦୋଳନ ପାଇଁ ଆହ୍ୱାନ

### ବ୍ଲକସ୍ତରୀୟ ଆଶାକର୍ମୀ ସମ୍ମିଳନୀ

**ଲୋଇସିଂହା,୩।୧(ଡି..ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରେସନ ଭାବନରେ ନିଖିଳ ଓଡିଶା ଆଶାକର୍ମୀ ସଂଘର ବ୍ଲକସ୍ତରୀୟ ଆଲୋଚନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଶାକର୍ମୀଙ୍କୁ ସରକାରୀ ମାନ୍ୟତା, ସାମାଜିକ ନିରାପତ୍ତା, ମାସିକ ଦରମା ସହିତ ପେନସନ ପ୍ରଦାନ ଉପରେ ଆଲୋଚନା ହୋଇଥିଲା। ଏହାବାଦ ପ୍ରୋତ୍ସାହନ ରାଶି ବାଟମାରଣାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ବୈଠକରେ ବ୍ଲକ ସଭାନେତ୍ରୀ ମାଧବୀ ବେହେରା ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଭାପତି ବିଜୟ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ୨୦୦୮ ମସିହାରୁ ସଂଘ ଗଠନ ଦିନରୁ ସଂଘ ବିଭିନ୍ନ ସମସ୍ୟା ନେଇ ସରକାରଙ୍କ ସହ ଲଢେଇ ଜାରି ରଖିଛି। କରୋନା ଏବଂ ପିଏମକେଆର ଫଣ୍ଡକୁ ବିଭିନ୍ନ ଉପାୟରେ ଆତ୍ମସାତ କରାଯାଇଛି । ଘରଘର ବୁଲି ଆଶାକର୍ମୀ କୋଭିଡ-୧୯ ଏବଂ ସ୍ୱାସ୍ଥ୍ୟଭିତ୍ତିକ କାମରେ ମୋଟିଭେସନ କାମ କରୁଛନ୍ତି। ହେଲେ ସେମାନଙ୍କୁ କୌଣସି ପ୍ରୋତ୍ସାହନ ରାଶି ମିଳୁନାହିଁ। ଏହି ସବୁ ସମସ୍ୟା ସହ ୧୨ ଦଫା ଦାବି ନେଇ ଆସନ୍ତା ଫେବୃୟାରୀ ୨୩ ଓ ୨୪ତାରିଖରେ ଦେଶବ୍ୟାପୀ ଦୁଇଦିନିଆ ଧର୍ମଘଟ ଥିବା ସେ ସୂଚନା ଦେଇଥିଲେ। । ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ନମିତା ସାହୁ ଆଗାମୀ ଦିନରେ ମିଳିତ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ଜିଲା ସଭାପତି ତୀର୍ଥ ପଧାନ ବ୍ଲକସ୍ତରରେ ରହିଥିବା ସମସ୍ୟା ଉପରେ କହିଥିଲେ। ସଂଘର ବ୍ଲକ ସମ୍ପାଦିକା ଓମି ଗୁପ୍ତା ପ୍ରାରମ୍ଭିକ ସୂଚନା, ଆଶାକର୍ମୀ ସୀତା ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱତନ୍ତ୍ର ଅତିଥିଭାବେ ଯୋଗଦାନ କରିଥିବା ପୋବର୍ସ ପତ୍ରିକା ସର୍ଭେ ଅନୁଯାୟୀ କୋଭିଡ ପରିଚାଳନା, ମା'ଶିଶୁ ଯତ୍ନ, ପୋଷଣ ଓ ଅନ୍ଧବିଶ୍ୱାସ ଉପରେ ସଚେତନତା କରି ବିଶ୍ୱର ୨୦ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ୩ୟ ସ୍ଥାନରେ ଥିବା ସଂଘ ଉପସାଧାରଣ ସମ୍ପାଦିକା ମାଟିଲଦା କୁଲୁଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।



ସମ୍ମିଳନୀରେ ଉପସ୍ଥିତ ଆଶା କର୍ମୀମାନେ।

### ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର

ଆଶା କର୍ମୀ ସଂଘ ବୈଠକ ପରେ ଜିଲା ସଂଘ ସଭାପତି ତୀର୍ଥ ପଧାନଙ୍କ ନେତୃତ୍ୱରେ ଆଶା କର୍ମୀମାନେ ଏକ ରାଲିରେ ଯାଇ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ପ୍ରତିମା ସୋରେନଙ୍କୁ ଏକ ଦବିପତ୍ର ପ୍ରଦାନ କରିଥିଲେ। ପ୍ରୋତ୍ସାହନ ରାଶିକୁ କାଣ୍ଟଛାଟ ନକରି ଏକକାଳୀନ ସମ୍ପୂର୍ଣ୍ଣ ଭାବେ ପ୍ରଦାନ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଦୀର୍ଘ ୪ ବର୍ଷ ହେଲା ଡବ୍ସ ଓ ଲେପ୍ରୋସି ରାଶି ମିଳିନାହିଁ। ତାହା ମଧ୍ୟ ପ୍ରଦାନ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ୨୦୨୧ ଏପ୍ରିଲରୁ ଅଦ୍ୟାବଧି ରହିଯାଇଥିବା ଅନ୍ୟାନ୍ୟ ବକେୟା ରାଶି ଏବଂ ମୋବାଇଲ ପାଇଁ ଆସୁଥିବା ଆପ୍ରୋଭାଲ ଟଙ୍କା ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।